


ଯା ଦେବୀ ସର୍ବଭୂତେଷୁ......

# ଧ୍ୱନି ପ୍ରତିଧ୍ୱନି


## The Dhwani Pratidhwani


website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୫ ଜାନୁଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 25 January 2025 Vol.No. 36 ■ No.5 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019







ଯା ଦେବୀ ସର୍ବଭୂତେଷୁ......

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୫ ଜାନୁଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 25 January 2025 Vol.No. 36 ■ No.5 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


# ୮ରେ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ମୋଦି: ପ୍ରବାସୀ ଭାରତୀୟ କାର୍ଯ୍ୟକ୍ରମରେ ହେବେ ସାମିଲ



ଭୁବନେଶ୍ୱର, ୪/୧(ନି.ପ୍ର) : ଆସନ୍ତା ୮ତାରିଖରେ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ପ୍ରବାସୀ ଭାରତୀୟ କାର୍ଯ୍ୟକ୍ରମରେ ସାମିଲ ହେବେ ମୋଦି । ୮ ତାରିଖ ରାତିରେ ରାଜଭବନରେ ରାତ୍ରୀଯାପନ କରିବେ । ସେହିପରି ୯ ତାରିଖ ଜନତା ମଇଦାନରେ ଏକ କାର୍ଯ୍ୟକ୍ରମରେ ସାମିଲ ହେବା ନେଇ ସୂଚନା ରହିଛି । ଆସନ୍ତା ୮ରୁ ୧୦ ତାରିଖ ଯାଏ ଭୁବନେଶ୍ୱରରେ ଆୟୋଜିତ ହେବ ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ। ଏଥିପାଇଁ ସଜେଇ ହେଉଛି ରାଜଧାନୀ ଭୁବନେଶ୍ୱର । ରାଜଧାନୀ କାନ୍ଥବାଡ଼କୁ ନୂଆ ରଙ୍ଗ ଦେବା ସହ ବିଭିନ୍ନ ଚିତ୍ର ଅଙ୍କନ କରାଯାଉଛି । ଭୁବନେଶ୍ୱର ଜନତା ମୈଦାନରେ ସମସ୍ତ ପ୍ରସ୍ତୁତି ଚାଲିଛି । ପ୍ରବାସୀ ଭାରତୀୟ ଦିବସକୁ ଆକର୍ଷଣୀୟ ଓ ସଫଳ କରିବା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ। ପ୍ରବାସୀ ଭାରତୀୟ ଦିବସ ପ୍ରଥମ ଥର ଓଡ଼ିଶାରେ ଅନୁଷ୍ଠିତ ହେଉଛି। ପ୍ରବାସୀ ଭାରତୀୟ ଦିବସ ଉପଲକ୍ଷେ ଆସନ୍ତା ୬ ତାରିଖରେ ଓଡିଶାରେ ଆସି ପହଞ୍ଚିବେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର। ସମ୍ମିଳନୀର ପ୍ରଥମ ଦିନ ଜାନୁଆରୀ ୮ରେ ଏସ୍. ଜୟଶଙ୍କର ଯୋଗଦେବେ। ଉଦଯାପନୀ ସମାରୋହରେ ଯୋଗ ଦେବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । କାର୍ଯ୍ୟକ୍ରମରେ ୭ହଜାରରୁ ଅଧିକ ପ୍ରବାସୀଙ୍କ ସହ ମୋଟ ୧୦ ହଜାର ଅତିଥି ଯୋଗଦେବେ। ଏପଟେ ଭୁବନେଶ୍ୱର ଜନତା ମୈଦାନରେ ତିନି ଦିନିଆ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ପାଇଁ ଚାଲିଛି ଜୋରଦାର ପ୍ରସ୍ତୁତି। ପର୍ଯ୍ୟଟନ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ। ରାଜ୍ୟ ସରକାରଙ୍କ ସବୁ ବିଭାଗ ସହଯୋଗରେ ଚାଲିଛି ପ୍ରସ୍ତୁତି। ଏହି ସମୟରେ ଭୁବନେଶ୍ୱରରେ ପଥ ଉତ୍ସବ ଚାଲିବ । ପୁରୀରେ ସିବିଚ୍ ଫେଷ୍ଟିଭାଲ ଚାଲିବ। ରାଜ୍ୟର କଳା ସଂସ୍କୃତି ସମେତ ୩୧ଟି ପର୍ଯ୍ୟଟନ ସ୍ଥଳୀକୁ ପ୍ରଦର୍ଶିତ କରାଯିବ। ବୁଦ୍ଧିଷ୍ଟ କରିଡ଼ର ହେଉ ବା ସ୍ପିରିଚୁଆଲ ଟୁରିଜିମ୍ ସବୁ କିଛି ବ୍ୟବସ୍ଥା ହୋଇଛି । ପ୍ରବାସୀ ଭାରତୀୟଙ୍କୁ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲାଇ ଦେଖାଯିବ। ଓଡ଼ିଆ, ହିନ୍ଦୀ ଓ ଇଂରାଜୀ କହି ପାରୁଥିବା ଗାଇଡ ରହିବେ । ଯେଉଁ ହୋଟେଲରେ ପ୍ରବାସୀ ଭାରତୀୟ ରହିବେ, ସେସବୁ ହୋଟେଲର ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବ । ସେଠାରୁ ବିଭିନ୍ନ ସ୍ଥାନକୁ କିଭଳି ଡବଲ ଡେକର ଗାଡ଼ିରେ ବୁଲିପାରିବେ ଅତିଥି, ତାହା ସୁନିଶ୍ଚିତ କରାଯାଇଛି । ଅଢ଼େଇ ହଜାର ପ୍ରବାସୀ ଭାରତୀୟ ଓଡ଼ିଶା ଆସିବା ପାଇଁ ପଞ୍ଜିକରଣ କରି ସାରିଛନ୍ତି । ଆଉ କିଛି ପ୍ରବାସୀ ଭାରତୀୟ ଓଡ଼ିଆ ଲୋକଙ୍କ ଘରେ ହୋମ ଷ୍ଟେ' ରେ ରହିବେ । ଓଡ଼ିଆ ଘରର ଖାଦ୍ୟ ଖାଇବେ। ଓଡ଼ିଶାର ଖାଦ୍ୟ ପ୍ରଣାଳୀ, ଓଡ଼ିଶାର ଆତିଥେୟତା ବିଶ୍ୱ ଦରବାରରେ ଦେଖାଇବାର ଆମ ପାଇଁ ବଡ଼ ସୁଯୋଗ ଆସିଛି ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ।

# ଜୁଏଲଙ୍କ ବ୍ୟକ୍ତିଗତ ସଚିବ ଥିଲେ: ଏବେ ମୋହନଙ୍କ ବ୍ୟକ୍ତିଗତ ସଚିବ ହେଲେ ମନୋଜ ସାହୁ



ଭୁବନେଶ୍ୱର, ୪/୧(ନି.ପ୍ର) : ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ୨୦୦୬ ବ୍ୟାଚ୍ ଏଜିଏମୟୁଟି କ୍ୟାଡ଼ରର ଆଇଏଏସ୍ ମନୋଜ କୁମାର ସାହୁଙ୍କୁ ଆଜି ନିଯୁକ୍ତି ମିଳିଛି । ରାଜ୍ୟ ସରକାରଙ୍କ ଅନୁରୋଧରେ ଶ୍ରୀ ସାହୁଙ୍କୁ କେନ୍ଦ୍ର ସରକାର ଗତମାସରେ ଓଡ଼ିଶାକୁ ପଠାଇଥିଲେ । ଶ୍ରୀ ସାହୁ ୨୦୧୬ରୁ ୨୦୧୯ ପର୍ଯ୍ୟନ୍ତ ପ୍ରାୟ ୩ବର୍ଷ ଧରି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟ ତୁଲାଇଥିଲେ । ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ଶ୍ରୀ ସାହୁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ଅବସ୍ଥାପିତ କରାଯାଇଛି । ସେ ଆଇଏଏସ୍ କ୍ୟାଡ଼ରରେ ସ୍ୱତନ୍ତ୍ର ସଚିବ ପାହ୍ୟାର ସୁବିଧାସୁଯୋଗ ପାଇବେ । ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟ କରୁଥିବା ୨୦୧୧ ବ୍ୟାଚ୍ ଆଇଏଏସ୍ ଅରିନ୍ଦମ ଡାକୁଆଙ୍କୁ ଗୁରୁବାର ବଦଳି କରାଯିବା ପରେ ଏହି ପଦବୀ ଖାଲି ପଡ଼ିଥିଲା । ଅବଶ୍ୟ ରାଜ୍ୟରେ ମୋହନ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର ଶପଥ ନେବା ପରେ ଶ୍ରୀ ସାହୁ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ହେବେ ବୋଲି ଚର୍ଚ୍ଚା ହୋଇଥିଲା । ମାତ୍ର ସେତେବେଳେ ସେ ଡେପୁଟି ନିର୍ବାଚନ କମିଶନର ଭାବେ କାର୍ଯ୍ୟ କରୁଥିବାରୁ ତାଙ୍କ ନିଯୁକ୍ତିରେ ବିଳମ୍ବ ହୋଇଥିଲା । ଶ୍ରୀ ସାହୁ ଗତମାସରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟରେ ଯୋଗଦେବା ପରେ ଆଜି ତାଙ୍କୁ ଏହି ନୂଆ ଦାୟିତ୍ୱ ନ୍ୟସ୍ତ ହୋଇଛି ।

▶▶ପୃଷ୍ଠା ୭

# ସାମ୍ବାଦିକ ମୁକେଶଙ୍କ ହତ୍ୟା ଘଟଣାରେ ଟ୍ୱିଷ୍ଟ: ସଂପର୍କୀୟ ଭାଇ ଗିରଫ

ଛତିଶଗଡ଼, ୪/୧ : ଛତିଶଗଡ଼ର ସାମ୍ବାଦିକ ମୁକେଶ ଚନ୍ଦ୍ରାକରଙ୍କ ହତ୍ୟା ଘଟଣାରେ ଆସିଛି ରୋଚକ ମୋଡ଼। ପୁଲିସ ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ମଧ୍ୟରେ ଅଛନ୍ତି ମୁକେଶଙ୍କ ସଂପର୍କୀୟ ଭାଇ ରିତେଶ ଚନ୍ଦ୍ରାକର। ନିଜର ଅନୁସନ୍ଧାନମୂଳକ ରିପୋର୍ଟ ପାଇଁ ଛତିଶଗଡ଼ରେ ବେଶ୍ ଜଣାଶୁଣା ଥିବା ସାମ୍ବାଦିକ ମୁକେଶ ଚନ୍ଦ୍ରାକର ନିକଟରେ ବସ୍ତର ଅଞ୍ଚଳରେ ଏକ ରାସ୍ତା କାମରେ ହୋଇଥିବା ଦୁର୍ନୀତିର ପର୍ଦ୍ଦାଫାସ କରିଥିଲେ। ଏହି ରାସ୍ତା ନିର୍ମାଣ ପାଇଁ ୫୦ କୋଟି ଟଙ୍କାର ଟେଣ୍ଡର ଦିଆଯାଇଥିଲା। ପରେ ଏହା ବଢ଼ି ବଢ଼ି ୧୨୦ କୋଟି ଟଙ୍କାରେ ପହଞ୍ଚି ଯାଇଥିଲା। କିନ୍ତୁ ରାସ୍ତାର ନିର୍ମାଣ ଶୈଳୀ ତଥା ଏହାର ମାନ ଓ ଲମ୍ବ କିମ୍ବା ଓସାରରେ କୌଣସି ପରିବର୍ତ୍ତନ କରାଯାଇ ନଥିବାରୁ ୧୨୦ କୋଟି ଟଙ୍କା କେମିତି ଖର୍ଚ୍ଚ ହେଲା ବୋଲି ସେ ପ୍ରଶ୍ନ ଉଠାଇଥିଲେ ଓ ଏଥିରେ କେମିତି ଦୁର୍ନୀତି ହୋଇଛି, ସେ ନେଇ ରିପୋର୍ଟ ପ୍ରକାଶ କରିଥିଲେ।

▶▶ପୃଷ୍ଠା ୭

# ୧୫ ପରେ ମିଳିବ 'ସୁଭଦ୍ରା' ଚତୁର୍ଥ ପର୍ଯ୍ୟାୟ ଟଙ୍କା



ଭୁବନେଶ୍ୱର, ୪/୧(ନି.ପ୍ର) : ଜାନୁଆରୀ ୧୫ ତାରିଖ ପରେ ମିଳିବ ସୁଭଦ୍ରା ଟଙ୍କା। ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା ଖାତାକୁ ଆସିବ। ତେବେ ନିର୍ଦ୍ଦିଷ୍ଟ କେଉଁ ତାରିଖରେ ଟଙ୍କା ମିଳିବ, ସେନେଇ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇନାହାନ୍ତି। ଗାଁର ଶେଷ ଯୋଗ୍ୟ ହିତାଧିକାରୀ ଆବେଦନ ନ କଲା ଯାଏଁ ଚାଲିବ ପଞ୍ଜୀକରଣ। ପ୍ରଥମ କିସ୍ତି ମିଳିବାର ଶେଷ ତାରିଖ ମାର୍ଚ୍ଚ ୮ ଥିଲା। କିନ୍ତୁ ମାର୍ଚ୍ଚ ୩୦ ପରେ ଆବେଦନ କଲେ ବି ଏକାଥରକେ ଦୁଇଟି କିସ୍ତିର ଟଙ୍କା ମିଳିବ। ବ୍ୟାଙ୍କ ଗୁଡିକ ସହିତ ବୈଠକ ସରିଲାଣି। ଏବେ ଅଙ୍ଗନବାଡ଼ି ଦିଦି ମାନେ ଘର ଘର ବୁଲୁଛନ୍ତି। ତେଣୁ ଯାହାର ୫ ଏକର ଜମି ଅଛି ବା ନାହିଁ, ଏହି ଦ୍ୱନ୍ଦ୍ୱ ପାଇଁ ଡିସେମ୍ବର ୩୦ ଯାଏ ତଦନ୍ତ ହେଉଛି ବୋଲି ପୂର୍ବରୁ ସୂଚନା ଦିଆଯାଇଥିଲା। ଏହି ସମୟ ଅବଧିକୁ ଜାନୁଆରୀ ୧୫ ଯାଏଁ ବୃଦ୍ଧି କରାଯାଇଛି।

# ଲୁଟେରାଙ୍କ ଗୁଳିରେ ୨ ମୃତ: ଗୋଡ଼ାଇ ଗୋଡ଼ାଇ ଗାଡ଼ିଆରେ ମାଡ଼ି ବସିଲେ ଲୋକେ



ଯାଜପୁର, ୪/୧ (ନି.ପ୍ର): ଅଳଙ୍କାର ଦୋକାନରୁ ଲୁଟ୍ କରି ଚମ୍ପଟ ମାରୁଥିଲେ ୩ ଲୁଟେରା। ପିଛା କଲା ବେଳେ ଲୁଟେରାଙ୍କ ଗୁଳି ମାଡ଼ରେ ଚାଲିଗଲା ଦୁଇ ଜଣଙ୍କ ଜୀବନ। ଗୁଳି ମାଡ଼ ପରେ ସ୍ଥାନୀୟ ଲୋକଙ୍କ ହାତରେ ଧରାପଡ଼ିଯିବା ଭୟରେ ଗାଡ଼ିଆ ଭିତରେ ପଶି ଯାଇଥିଲେ ଲୁଟେରା। ସ୍ଥାନୀୟ ଲୋକେ ଗାଡ଼ିଆ ଭିତରେ ସେମାନଙ୍କୁ ମାଡ଼ିବସିଲେ। ଆଜି ଏପରି ହୃଦୟବିଦାରକ ଘଟଣା ଯାଜପୁର ଜିଲ୍ଲାରେ ଘଟିଛି। ପାଣିକୋଇଲି ଛକରେ ରହିଛି ପଣ୍ଡା ଅଳଙ୍କାର। ଆଜି ଅପରାହ୍ନ ପ୍ରାୟ ସାଢ଼େ ଗୋଟାଏ ବେଳେ ୩ ଦୁର୍ବୃତ୍ତ ସାଧାରଣ ଗ୍ରାହକଙ୍କ ପରି ଦୋକାନ ଭିତରେ ପଶିଥିଲେ। ଆଉ ଗହଣା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ନିଜ ପାଖରେ ରଖିଥିବା ପିସ୍ତଲ ବାହାର କରି ଗହଣା ଦୋକାନୀ କର୍ମଚାରୀଙ୍କୁ ଭୟଭୀତ କରାଯାଇଥିଲେ। ଏପରିକି ଫାଙ୍କା ଗୁଳି ଚାଳନା କରିଥିଲେ। ଯେଉଁଥିପାଇଁ ଗହଣା ଦୋକାନୀ କର୍ମଚାରୀମାନେ ଡ଼ରି ଯାଇଥିଲେ। ତା'ପରେ ସବୁ ଗହଣାକୁ ଗୋଟିଏ ବ୍ୟାଗରେ ପୁରାଇ ଚମ୍ପଟ ମାରିବାକୁ ଚେଷ୍ଟା କରିଥିଲେ। ଲୁଟ୍ କରିବା ପରେ ଦୋକାନକୁ

▶▶ପୃଷ୍ଠା ୭

## ସଫେଇ କର୍ମଚାରୀଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଲେ

ସୁନ୍ଦରଗଡ, ୪/୧ (ନି.ପ୍ର): ସଫେଇ କାର୍ଯ୍ୟର ତଦାରଖ କରିବା ପାଇଁ ଯାଇଥିଲେ। ଠିକ୍ ସେତିକି ବେଳେ ସଫେଇ କର୍ମଚାରୀଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ହାଣିଲେ ଦୁର୍ବୃତ୍ତ। ଆଜି ଅପରାହ୍ନରେ ଏପରି ହୃଦୟବିଦାରକ ଘଟଣା ସୁନ୍ଦରଗଡ ପୌର ପରିଷଦର ଅଞ୍ଚଳରେ ଘଟିଛି। ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ଘଟଣାର ତଦନ୍ତ ଚଳାଇଛି। ବାବୁଲି କାକ ରାଣିବଗିଚା ବାଇପାସ୍ ନିକଟରେ ସଫେଇ କାମର ତଦାରଖ କରିବା ପାଇଁ ଯାଇଥିଲେ। କାମ ତଦାରଖ କରିବା ପରେ ସେଠାରେ ସେ ଠିଆ ହୋଇଥିଲେ। ଠିକ୍ ସେତିକି ବେଳେ ତାଙ୍କ ଉପରେ ଆକ୍ରମଣ ହୋଇଥିଲା। ଜଣେ ବ୍ୟକ୍ତି ଖଣ୍ଡାରେ ଗୋଡ଼ାଇ ଗୋଡ଼ାଇ ତାଙ୍କୁ ଆକ୍ରମଣ କରିଥିଲେ। ସାଥୀ ସଫେଇ କର୍ମଚାରୀମାନେ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ସୁନ୍ଦରଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାବୁଲିଙ୍କୁ କିଏ ଓ କ'ଣ ପାଇଁ ହତ୍ୟା କଲା, ତାହା ଜଣାପଡ଼ି ନାହିଁ। ଏନେଇ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ହେଲେ ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ପାରିନି ପୁଲିସ୍। ଅନ୍ୟପକ୍ଷରେ ହତ୍ୟାକାରୀଙ୍କ ଗିରଫ ଦାବିରେ ମେଡିକାଲ୍‌ରେ ଉତ୍ତେଜନା ପ୍ରକାଶ ପାଇଥିଲା।

# ୨ ହଜାର ନୂଆ ଟ୍ରାଫିକ ପୁଲିସ ପଦବୀ ସୃଷ୍ଟିକୁ ମଞ୍ଜୁରୀ: ଚଳିତବର୍ଷ ପୂରଣ ହେବ ୫୦୦ ପଦବୀ



ଭୁବନେଶ୍ୱର, ୪/୧(ନି.ପ୍ର) : ରାଜ୍ୟରେ ଆଉ ୨ହଜାର ଅଧିକ ନୂଆ ଟ୍ରାଫିକ ପୁଲିସ ପଦବୀ ସୃଷ୍ଟି ହେବ । ଏଥିରୁ ୫୦୦ ପଦବୀକୁ ଚଳିତବର୍ଷ ମଧ୍ୟ ପୂରଣ କରାଯିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହି ସୂଚନା ଦେଇଛନ୍ତି । ରାଜ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟାକୁ ହ୍ରାସ କରିବା ଓ ସଡ଼କ ସୁରକ୍ଷା କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବାକୁ ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜି ଜାତୀୟ ସଡ଼କ ସୁରକ୍ଷା ମାସର ରାଜ୍ୟସ୍ତରୀୟ ଉଦଯାପନ କାର୍ଯ୍ୟକ୍ରମରେ ଯୋଗ ଦେଇ ସଡ଼କ ସୁରକ୍ଷାକୁ ଜନ ଅଭିଯାନରେ ପରିଣତ କରିବା ନିମନ୍ତେ ଆହ୍ୱାନ କରିଛନ୍ତି । ମୁଖ୍ୟମନ୍ତ୍ରୀ ଆଜି 'ଓଡ଼ିଶା ଯାତ୍ରୀ ଆପ୍'କୁ ଲୋକାର୍ପଣ କରିଛନ୍ତି । ଲୋକଙ୍କୁ ସୁଲଭ ଓ ସୁବିଧାଜନକ ଯାତ୍ରା ପ୍ରଦାନ କରିବା ଉଦ୍ଦେଶ୍ୟରେ ଏହି ଆପ୍ କାର୍ଯ୍ୟ କରିବ ।

▶▶ପୃଷ୍ଠା ୭

# ଘାଟି ତଳକୁ ଖସି ପଡ଼ିଲା ସେନା ଟ୍ରକ୍: ୪ ଯବାନ ମୃତ, ୫ ଆହତ



ନୂଆଦିଲ୍ଲୀ, ୪/୧ : ଜମ୍ମୁ ଓ କଶ୍ମୀରର ବାନ୍ଦିପୁର ଜିଲ୍ଲାର ଏସ୍‌କେ ପୟେନ ଅଞ୍ଚଳରେ ଆଜି ସେନାର ଏକ ଟ୍ରକ୍ ଘାଟି ତଳକୁ ଖସି ପଡ଼ିବାରୁ ୪ ଜଣ ଯବାନଙ୍କ ମୃତ୍ୟୁ ଘଟିଥିବା ବେଳେ ୫ ଜଣ ଆହତ ହୋଇଛନ୍ତି। ପାହାଡ଼ ଉପରେ ବୁଲାଣି ରାସ୍ତାରେ ଡ୍ରାଇଭର ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇବାରୁ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ଆହତ ଯବାନମାନଙ୍କୁ ନିକଟସ୍ଥ ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଅବସ୍ଥା ଗୁରୁତର ରହିଛି। ତେବେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ସ୍ଥିର ଅଛି। ଘଟଣାସ୍ଥଳରେ

▶▶ପୃଷ୍ଠା ୭

# ରକେଟ ବେଗରେ ଆଗକୁ ବଢିବ ଦକ୍ଷିଣ ଓଡ଼ିଶା: ୭ ଜିଲ୍ଲାକୁ ନେଇ ଗଠନ ହେବ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ

ଭୁବନେଶ୍ୱର, ୪/୧(ନି.ପ୍ର) : ଦକ୍ଷିଣ ଓଡ଼ିଶା ବିକାଶର ରୋଡମ୍ୟାପ ପ୍ରସ୍ତୁତ ସରିଲା। ଏକାଠି ନେତା ବସି ସହମତି ଦେଲେ, ରାଜନୀତି ପଛ, ଅଞ୍ଚଳର ଉନ୍ନତି ଆଗ। ଅବହେଳା ଏବେ ଇତିହାସ, ବିକାଶ ଏବେ ଭବିଷ୍ୟତ। ସରକାରଙ୍କ ସହଯୋଗ ଓ ରାଜନୈତିକ ଦଳର ନେତାଙ୍କ ପ୍ରତିବଦ୍ଧତା ଏବେ ଦକ୍ଷିଣ ଓଡ଼ିଶାକୁ ପ୍ରଗତି ପଥରେ ଆଗେଇ ନେବ। ଅବହେଳାର ଅଧ୍ୟାୟ ଶେଷ ହେଲା। ଏଣିକି ବିକାଶ ହିଁ ଏକମାତ୍ର ଏଜେଣ୍ଡା। ଏଥିପାଇଁ ଦଳ ମତ ନିର୍ବିଶେଷରେ ସବୁ ନେତା ହେଲେ ଏକାଠି। ନିଜ ଜନ୍ମମାଟିର ବିକାଶ ପାଇଁ କରିଲେ ପଣ। ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଟାସ୍କଫୋର୍ସର ପ୍ରଥମ ବୈଠକରେ କିଛି ଏଭଳି ନିଷ୍ପତ୍ତି ନିଆଯାଇଛି। ପରିଷଦର ରୂପରେଖ କଣ ହେବ ସେନେଇ ବିଧାୟକ ଓ ସାଂସଦ ନିଜର ମତ ରଖିଛନ୍ତି। ଏହାସହ ଦକ୍ଷିଣ ଓଡ଼ିଶା କିଭଳି ବିକାଶର ଶୀର୍ଷରେ ପହଞ୍ଚିବ ସେନେଇ ପ୍ରସ୍ତୁତ ପ୍ରାରମ୍ଭିକ ରୋଡମ୍ୟାପରେ ମଧ୍ୟ ମୋହର ବାଜିଛି। ଦକ୍ଷିଣ ଓଡ଼ିଶା ବିକାଶ ପରିଷଦରେ ୭ ଜିଲ୍ଲାକୁ ସାମିଲ କରିବା ପାଇଁ ନିଷ୍ପତ୍ତି ହୋଇଛି । କୋରାପୁଟ, ମାଲକାନଗିରି, ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା ଓ ନବରଙ୍ଗପୁର । ତେବେ ବିକାଶକୁ ତ୍ୱରାନିତ୍ୱ କରିବାକୁ ଷ୍ଟାଚ୍ୟୁଟାରୀ କମିଟି ଗଠନ ହେବାର ଆବଶ୍ୟକତା ଥିବା ବୈଠକରେ ଆଲୋଚନା ହୋଇଛି । ଟାସ୍କଫୋର୍ସରେ ସାମିଲ ହୋଇନଥିବା ବ୍ୟକ୍ତିବିଶେଷଙ୍କୁ ପରିବର୍ତ୍ତୀ ସମୟରେ ଏଥିରେ ସାମିଲ କରାଯିବ। ନୂଆ ସରକାରରେ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦର ପରିକଳ୍ପନା ବାସ୍ତବତାର ରୂପ ନେଇଛି। କିନ୍ତୁ ଟାସ୍କଫୋର୍ସ ସଦସ୍ୟଙ୍କ ଦାବି, ଦକ୍ଷିଣ ଓଡ଼ିଶାର ବିକାଶ ପାଇଁ ୧୦୦୦ କୋଟି ଦିଅନ୍ତୁ ସରକାର। ନଚେତ ଏହା କେବଳ ସ୍ୱପ୍ନ ଭିତରେ ସୀମିତ ରହିଯିବ।

▶▶ପୃଷ୍ଠା ୭

# ଶପଥ ନେବା ପୂର୍ବରୁ ବଢ଼ିଲା ଡୋନାଲ୍ଡ ଟ୍ରମ୍ପଙ୍କ ଅଡୁଆ: ଜାନୁଆରୀ ୧୦ରେ କୋର୍ଟରେ ହେବେ ହାଜର



ନୂଆଦିଲ୍ଲୀ, ୪/୧ : ଜଣେ ପର୍ଣ୍ଣ ଷ୍ଟାରଙ୍କୁ ଚୁପ୍ ରହିବା ପାଇଁ ଟଙ୍କା ଦେବା ମାମଲାରେ ନ୍ୟୁୟର୍କର ଜଜ୍ ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ବିରୋଧରେ ଦଣ୍ଡବିଧାନର ତାରିଖ ସ୍ଥିର କରିଛନ୍ତି। ଏହା ସହିତ ନିଷ୍ପତ୍ତି ନିଆଯାଇଛି ଯେ ରିପବ୍ଲିକାନ୍ ନେତା ଆମେରିକାର ପ୍ରଥମ ରାଷ୍ଟ୍ରପତି ହେବେ ଯିଏ ଦୋଷୀ ସାବ୍ୟସ୍ତ ଅପରାଧୀ ଭାବରେ ହ୍ୱାଇଟ ହାଉସ୍‌କୁ ଯିବେ। ଏହି ମାମଲାରେ ବିଚାରପତି ଜାନୁଆରି ୧୦କୁ ଦଣ୍ଡବିଧାନ ପାଇଁ ଦିନ ଧାର୍ଯ୍ୟ କରିଛନ୍ତି। ତାଙ୍କୁ ଜେଲ୍ ପଠାଯିବ କି ନାହିଁ ତାହା ନ୍ୟୁୟର୍କ କୋର୍ଟର ବିଚାରପତି ଜୁଆନ ମାର୍ଚେନ୍ ରାୟ ଦେବେ। ଟଙ୍କା ଦେଇ ଚୁପ୍ ରହିବା ମାମଲାରେ ଜଜ୍ ମାର୍ଚେନ୍ ଟ୍ରମ୍ପ୍‌ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିରୁ ଗୋଟିଏ କଥା ସ୍ଥିର ହୋଇଛି ଯେ, ଟ୍ରମ୍ପ୍ ଆମେରିକାର ପ୍ରଥମ ରାଷ୍ଟ୍ରପତି ହେବେ ଯିଏ ଦୋଷୀ ସାବ୍ୟସ୍ତ ହୋଇ ହ୍ୱାଇଟ୍ ହାଉସ୍ ଯିବେ। ଜଜ୍ ମାର୍ଚେନ୍ ଦଣ୍ଡାଦେଶ ତାରିଖ ସ୍ଥିର କରି ସୂଚାଇ ଦେଇଛନ୍ତି ଯେ, ମାମଲାର ଶୁଣାଣି ଶେଷ ହୋଇଛି। ଜାନୁଆରି ୨୦ରେ ଟ୍ରମ୍ପ୍ ଦ୍ୱିତୀୟ ଥର ପାଇଁ ଶପଥ ଗ୍ରହଣ କରିବାର ୧୦ଦିନ ପୂର୍ବରୁ ଏହି ରାୟ ପ୍ରଦାନ କରାଯିବ। ବିଚାରପତି କହିଛନ୍ତି ଯେ, କ୍ଷମତାର ପରିବର୍ତ୍ତନରେ ତାଙ୍କର କର୍ତ୍ତବ୍ୟ ଯୋଗୁ ଡୋନାଲ୍ଡ ଟ୍ରମ୍ପ୍ ଜାନୁଆରି ୧୦ କୋର୍ଟର ପ୍ରକ୍ରିୟାରେ

▶▶ପୃଷ୍ଠା ୭

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୫ ଜାନୁଆରୀ ୨୦୨୫
email : rabibarachayan2015@gmail.com



## ଧାରାବାହିକ ଉପନ୍ୟାସ



# ବୈଦେହୀ

ଡ.ଭାଗବତ ବେହେରା



‘ବୈଦେହୀ’ ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର ‘ବୈଦେହୀ’ ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର ‘ବୈଦେହୀ’ ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

**ଭାଗ-୮୨**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

କାଲି ସ୍ୱାମୀ ବିରହରେ, ବିଚ୍ଛେଦରେ ଅଶୋକବନରେ ଗୋଟାଏ ବସ୍ତ୍ର ପିନ୍ଧି, ଗୋଟିଏ ଫଳ ଦୈନିକ ଭୁଞ୍ଜି, ନୟନରୁ ସଦା ଅଶ୍ରୁ ଝରାଉଥିବା ବୈଦେହୀ ଆଜି ହରଷ ମନ ଉତ୍‌ଫୁଲ୍ଲିତ ଚିତ୍ତରେ ସ୍ୱାମୀଙ୍କର ହସ୍ତ ଧରି ତାଙ୍କ ପାଦ ସହ ପାଦ ମେଳାଇ ହସିହସି ପାଦ ପକାଉଛି ଆଗକୁ ଆଗକୁ । ଏହାହିଁ ଥିଲା ସୀତା ପାଇଁ ବିଧିର ବିଧାନ ।

ମୋ କଥା ଶୁଣି ହସିହସି ପ୍ରୀତିଦା କହିଥିଲା, ଦେବୀ! କାହାନ୍ତି ତୁମର ସ୍ୱାମୀ । କାହିଁ କେଉଁଠି ତୁମେ ହସିହସି ତାଙ୍କ ସହିତ ପାଦମିଳାଇ ଚାଲିଛ । ତୁମେ ତ ଏକାକୀ ଆମମାନଙ୍କ ଗହଣରେ ବାଲ୍ମିକୀ ଆଶ୍ରମସ୍ଥ ବଉଳବେଦୀ ତଳେ ବସିଛ ।

ପ୍ରୀତିଦାର କଥାଶୁଣି ମୋ ଅନ୍ତର ଥରାଇ ବାହାରି ଆସିଥିଲା ଦୀର୍ଘଶ୍ୱାସଟିଏ । ତାକୁ ଶୁଣାଇ ମୁଁ କହିଥିଲି ହଁ ପ୍ରୀତିଦା, ତୁମେ ଠିକ୍ କହିଛ । ସେଦିନ ଲଙ୍କାଗଡ଼ସ୍ଥ ଅଶୋକକାନନର ଅଶୋକ ବେଦୀ ଆଉ ଆଜିର ମୁନିଶ୍ରେଷ୍ଠ ବାଲ୍ମିକୀଙ୍କ ଆଶ୍ରମର ଏ ବଉଳବେଦୀ । ୟା’ ଭିତରେ ମାତ୍ର କେତୋଟି ବର୍ଷ ବିତିଯାଇଛି ପ୍ରୀତିଦା । ସେହି କେତୋଟି ବର୍ଷର ଶୀତ, ବସନ୍ତ, ବର୍ଷା, ବୈଶାଖର ଗତିକୁ ଅତିକ୍ରାନ୍ତ କରି ସୀତା ଆସି ପହଞ୍ଚିଛି ଲଙ୍କାଗଡ଼ରୁ ଅଯୋଦ୍ଧା, ପୁଣି ଅଯୋଧ୍ୟାରୁ ବାଲ୍ମିକୀ ଆଶ୍ରମ । କଥା କହୁକହୁ ମୁଁ ଅଶ୍ରୁ ବିସର୍ଜନ କରୁଥିବାର ଜାଣି ପ୍ରୀତିଦା ଆସି ମୋ ଚକ୍ଷୁରୁ ଅଶ୍ରୁ ପୋଛି ଦେଇ କହିଥିଲା, ମୋର ଭୁଲ୍ ହୋଇଯାଇଛି ଦେବୀ । ତୁମ ମନରେ କଷ୍ଟ ଦେଇ... ପ୍ରୀତିଦାକୁ କଥା ସମାପ୍ତ କରିବାକୁ ନଦେଇ ମୁଁ କହିଥିଲି, ନା ପ୍ରୀତିଦା ତୁମେ କିଛି ଭୁଲ୍ କହିନାହିଁ । ଯାହା ନିରାଟ ସତ୍ୟ ସେହି କଥା ହିଁ ତୁମେ କହିଛ । ଏଇତ କାଲି ପରି ଲାଗୁଛି । ଅଶୋକବନରୁ ସ୍ୱାମୀଙ୍କ ହାତଧରି ଲଙ୍କାଗଡ଼ରୁ ମୁଁ ବାହାରି ଆସୁଥାଏ । ଆଗରେ ହନୁମାନ, ପଛକୁ ସୁଗ୍ରୀବ, ଅଙ୍ଗଦ, ଜାମ୍ବବାନ ତାଙ୍କ ପଛକୁ ଲକ୍ଷ୍ମଣ । ସମସ୍ତଙ୍କ ପଛରେ ସ୍ୱାମୀ ମୋ ହାତ ଧରି ଚାଲୁଥାନ୍ତି । ପଚାରୁଥାନ୍ତି ପଥକ୍ଳାନ୍ତି ତୁମକୁ ନିଶ୍ଚୟ ଲାଗୁଥିବ ଜାନକୀ ?

ତାଙ୍କ କଥା ଶୁଣି ମୁଁ ହସିହସି କହିଥିଲି ସ୍ୱାମୀ, ଏତେଦିନ ଆପଣଙ୍କ ହାତଧରି ସୀତା ଯେତେବେଳେ ଅଯୋଧ୍ୟାରୁ ଆସି ପଞ୍ଚବଟୀରେ ପହଞ୍ଚି ଯାଇଥିଲା, ସେତେବେଳେ କ’ଣ ମୋତେ ପଥ କଷ୍ଟ ଲାଗୁନଥିଲା ? ଆପଣ ତ ଜାଣନ୍ତି ମୋ ପାଖେପାଖେ ଆପଣ ଥିଲେ ମୋତେ ଶ୍ରମ ଜନିତ କ୍ଳାନ୍ତି ଲାଗେନା । ଆଉ ଯେତେବେଳେ ଲାଗେ ତାହା ଆପଣ ଜାଣିପାରି କୌଣସି ଏକ ବୃକ୍ଷ ତଳକୁ ମୋ ହାତଧରି ନେଇଯାଇ ମୋତେ ବୃକ୍ଷ ଛାଇରେ ବସାଇ ଦେଇ....

ତୁମର ସେହି ରକ୍ତକଇଁ ସଦୃଶ ପଦଯୁଗଳକୁ ଆଉଁସିଦିଏ । ଏହି କଥା ତୁମେ କହିବାକୁ ଚାହୁଁଛ ତ ସୀତେ । ଅଧରରେ ସ୍ମିତହସର ରେଖାଟିଏ ଟାଣି ସେ ଏକଥା କୁହନ୍ତେ, ମୁଁ କହିଥିଲି ସ୍ୱାମୀ, ଆଗରେ ଲକ୍ଷ୍ମଣ, ହନୁମାନ, ଅନ୍ୟମାନେ ଅଛନ୍ତି । ସେମାନଙ୍କ କାନରେ ଯଦି ଏକଥା ପଡ଼େ ।

ମୋ କଥା ଶୁଣି ମୋତେ ପାଖକୁ ଆଉଜାଇ ନେଇ ପ୍ରଭୁ ମୋର କହିଥିଲେ, ତୁମେ ଠିକ୍ କହିଛ ଦେବୀ । ସେତେବେଳେ ଆମ ପାଖରେ କେହି ନଥିଲେ । ଲକ୍ଷ୍ମଣ କେଉଁଠି ଥାଏ ତାର ଠିକଣା ନଥାଏ । ମୁଁ ତୁମକୁ ବୃକ୍ଷମୂଳରେ ବସାଇ ତୁମର ସେବା କରୁଥିବାବେଳେ ପ୍ରକୃତି ମାତା ତାହା ଜାଣିପାରି ସୁନ୍ଦର ମଳୟ ପବନ ସଞ୍ଚାର କରିଥାଏ । ମୃଦୁ ମନ୍ଦ ସୁଗନ୍ଧିତ ପବନରେ ଉଡ଼ି ଯାଉଥାଏ ତୁମର ଆଲୁଳାୟିତ କେଶରାଶି ।

ଆଉ ତାକୁ ସାଉଁଳୁ ସାଉଁଳୁ ଆପଣ କହନ୍ତି, “ଜାନକୀ ତୁମର ଏ କେଶପାଶରେ କି ଅମୃତ ରହିଛି କେଜାଣି ଏଥିରେ ଅଙ୍ଗୁଳି ଚାଳନା କଲେ ମୋତେ ଲାଗେ ମୁଁ ଯେମିତି ଗାଢ଼ ଅମାବାସ୍ୟା ରାତିର ଆକାଶରୁ ତାରକା ଚୟନ କରୁଛି । ପବନରେ ବୃକ୍ଷରୁ ମୋ କେଶପାଶରେ ଝଡ଼ିପଡ଼େ ଅସଂଖ୍ୟ ଫୁଲ । ସେହି ଫୁଲକୁ ଆପଣ ଖୋସି ଦିଅନ୍ତି ମୋ ଜୁଡ଼ାରେ । ମୋତେ କୋଳକୁ ଟାଣିନେଇ ମୋ ମୁଖରେ ସ୍ନେହ, ପ୍ରୀତିର ଅମୃତ ଧାରା ଝରାଇ ଦେଇ କହନ୍ତି, ସତରେ ସୀତା ! ବିଧାତା ସବୁଦିନ ମୋତେ ଏମିତି ବନଚାରୀ କରି ରଖନ୍ତା କି ମୁଁ ତା ନିକଟରେ ଚିର କୃତଜ୍ଞ ହୋଇ ଯାଆନ୍ତି ।”

ଏମିତି ଏମିତିରେ ଦିବସ ଯାଇ ସନ୍ଧ୍ୟା ଆସିଯାଏ । ଆମେ ତାହା ଜାଣିପାରୁନା । ସୂର୍ଯ୍ୟଦେବତା ପଶ୍ଚିମାକାଶରେ ହଜିବା ଦେଖି ମୁଁ କହେ ପକ୍ଷୀମାନେ ସନ୍ଧ୍ୟା ଗୀତ ଗାଇ ନୀଡ଼କୁ ଫେରି ଆସିଲେଣି । ଆମେ କ’ଣ କୁଡ଼ିଆକୁ ବାହୁଡ଼ିବୁ ନାହିଁ ପ୍ରଭୁ । ତେଣେ ଲକ୍ଷ୍ମଣ ଆସି ଆମକୁ ଖୋଜୁଥିବେ ।

ସେଦିନ ଆଜି ଆମ ନିକଟରେ ସ୍ୱପ୍ନ ଦେବୀ। ରାବଣ କର୍ତ୍ତୃକ ଅପହୃତ ହୋଇ ତୁମେ ଆସି ଅଶୋକବନରେ ରହିଲ । ୟା’ ଭିତରେ ଦୁଇବର୍ଷ ଅତୀତ ହୋଇଗଲା । ସେ ଦୁଇଟି ବର୍ଷ ଯେ ମୁଁ କେମିତି କଟାଇଛି, ତାହା ମୁଁ କହିପାରିବି ନାହିଁ । ବନବାସର ଅସୀମ ସୁଖ ଦିନେ ଆମପାଇଁ ଅସରନ୍ତି ଦୁଃଖରେ ପରିଣତ ହେଲା । ସୀତା ବିହୁନେ ରାମର ଜୀବନ ନର୍କ ହୋଇଯାଇଛି ଦେବୀ ।

ଆଉ ରାମ ବିହୁନେ ସୀତା ବଞ୍ଚି ମଧ ମରିଛି ସ୍ୱାମୀ ।

ମୋ କଥା ଶୁଣି ସେ କହିଥିଲେ, ଅଦୃଷ୍ଟ ଆମକୁ ସୁଖ, ଦୁଃଖ ଉଭୟ ଦେଇଛି ଦେବୀ । ଆମେ କାହାକୁ ଦୋଷ ଦେବା ? କୈକେୟୀ ମାତାଙ୍କୁ ନା ଲଙ୍କାଧିପତି ରାବଣକୁ । ଏମାନେ ଯେ ଯାହାର ଅଭିନୟ କରିଛନ୍ତି, ଆମେ ଯାହା ପାଇବା କଥା ପାଇଲୁ । ଏବେ ସେ ସମୟ ସରିଯାଇଚି ଦେବୀ । ତୁମେ ବୋଧେ ମନେ ରଖିନଥିବ ୟା’ ଭିତରେ ଚଉଦବର୍ଷ ବନବାସର ସମୟ ଆମର ସରିଯାଇଛି । ଏବେ ଆମେ ଅଯୋଧ୍ୟା ଯାତ୍ରା କରିବା । ଅଯୋଧ୍ୟା କଥା ଶୁଣି ମୋ ଦେହରେ ଶିହରଣ ଖେଳି ଯାଇଥିଲା । ରୋମାଞ୍ଚିତ ହୋଇ ଯାଇଥିଲି ମୁଁ । ୟା ଭିତରେ ସତରେ କ’ଣ ଚଉଦବର୍ଷ ବିତିଗଲାଣି ।

ମୋ ହାତକୁ ଦୃଢ଼କରି ଧରି ସ୍ୱାମୀ ମୋର କହିଥିଲେ, ଲଙ୍କା ଅତିକ୍ରମ କରି ଆମେ ଆସି ସମୁଦ୍ର ତଟରେ ପହଞ୍ଚିଗଲୁଣି ସୀତେ । ଏହି ଦେଖ ସେତୁବନ୍ଧ । ଏହା ଭାସମାନ ବନ୍ଧଟିଏ । ନଳ ନୀଳଙ୍କ କୃପାରୁ ଏ ପଥର ସବୁ ସମୁଦ୍ରରେ ଭାସୁଛି । ଏହି ବନ୍ଧ ଉପର ଦେଇ ଆମେ ଏ ସମୁଦ୍ରକୁ ଲଂଘି ରାମେଶ୍ୱରରେ ପହଞ୍ଚିବୁ । ସମୁଦ୍ର ଉପରେ ପଥର ସବୁ ଭାସୁଛନ୍ତି । ଗାଢ଼ ନୀଳ ସମୁଦ୍ର । କି ଅପୂର୍ବ ଶୋଭା ସତେଯେମିତି ନୀଳାକାଶ ଖସି ପଡ଼ୁଛି ଏ ସମୁଦ୍ର ଉପରେ । ଢେଉ ସବୁ କଳକଳ ଧ୍ୱନି କରି କୂଳରେ ମଥା ପିଟୁଥା’ନ୍ତି । ସେ ମନଭୁଲା ଦୃଶ୍ୟଟି ଦେଖି ଚିତ୍ତ ମୋର ଆହ୍ଲାଦିତ ହେଉଥାଏ । ମୋ ହାତ ଧରି ସ୍ୱାମୀ ମୋର କହିଥିଲେ ମୋ ହାତକୁ ଦୃଢ଼ ଭାବରେ ଧରି ତୁମେ ଧୀରେଧୀରେ ଏହି ପଥର ଉପରେ ଚାଲ ।

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

# ଚାଷ କାମ ଯାହାର କେଡ଼େ ସୁଖ ତାହାର...

ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ

‘ଚାଷ କାମ ଯାହାର କେଡ଼େ ସୁଖ ତାହାର, ସେହି ପୁଣି ଦୁନିଆକୁ ଯୋଗାଇଛି ଆହାର.....।’ ଚଷା ପୁଅର ଜୀବନଚିତ୍ରକୁ ଦେଖିଲେ ଆମ ପୁରୁଣା ଦିନର ଏହି ପାଠପଢ଼ା ଧାଡ଼ି ବର୍ତ୍ତମାନ ପାଇଁ କେତେ ଯେ କଷ୍ଟଦାୟକ ହୋଇଯାଇଛି ତାହା ଅନୁଭବୀ ଜଣେ ଜାଣିପାରିବ। ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। ଏଠାରେ ଚାଷବାସ ବେଉସା ମୁଖ୍ୟ ଜୀବିକା ଓ ବେପାରବଟା ପାଇଁ ଅବଲମ୍ବନ କହିଲେ ଅତ୍ୟୁକ୍ତି ହେବନାହିଁ। ଏଣେ ପୌଷ ମାସକୁ ଆମ ପରମ୍ପରା ଓ ଧର୍ମ ବିଶ୍ୱାସରେ ଧନଧାନ୍ୟର ମାସ ଭାବେ ଅଭିହିତ କରାଯାଏ। ପୌଷ ମାସର ଏହି ସମ୍ପଦ ସହିତ ପ୍ରତ୍ୟକ୍ଷ ଜଡ଼ିତ ଥାଏ କୃଷି ଓ କୃଷକ। ଏହି ମାସରେ ଧାନକଟା ହୋଇ ଖଳାକୁ ଆସେ। ଘରର ଅମାର ପୁରି ଉଠେ। ମୁଣ୍ଡର ଝାଳ ତୁଣ୍ଡରେ ମାରି ଖରା, ବର୍ଷା ସହିତ କୃଷକ ଯେଉଁ ହାଡ଼ଭଙ୍ଗା ପରିଶ୍ରମ କରିଥାଏ, ତାହାର ଫଳପ୍ରାପ୍ତି ହୁଏ ଏହି ମାସରେ। ସୁଖ, ଶାନ୍ତି, ଆନନ୍ଦ, ଉଲ୍ଲାସର ମାସ ଭାବେ ପୁଷମାସ ନିଜସ୍ୱ ଗରିମା ପ୍ରତିପାଦିତ କରେ। ଓଡ଼ିଆ ଘରର ବର୍ଷକର ଯୋଜନା ଏହି ମାସରୁ ଆରମ୍ଭ ହୁଏ। ତେଣୁ ଆମ ଢ଼ଗଢ଼ମାଳି ଓ ରୁଢ଼ିରେ ସମ୍ପତ୍ତି ଓ ବିପତ୍ତିକୁ ତୁଳନା କରିବା ପାଇଁ ଯେଉଁ ଆପ୍ତବାକ୍ୟଟି ବ୍ୟବହୃତ ହୁଏ, ତାହା ହେଉଛି ‘କାହାର ପୁଷ ମାସ ତ କାହାର ସର୍ବନାଶ।’ ଚଳିତ ବର୍ଷର ପୁଷମାସରେ କିନ୍ତୁ ଯେଉଁ ଅଦିନିଆ ବର୍ଷା ବିପ୍ଳାତ ରାଜ୍ୟରେ ଜାରି ରହିଛି ସେଥିରେ ସର୍ବାଧିକ ପ୍ରଭାବିତ କିଏ ହୋଇଛି ବା ସର୍ବନାଶ କାହାର ହୋଇଛି ତାହା ବୋଧହୁଏ ଆଉ ବୁଝାଇ କହିବା ଆବଶ୍ୟକ ନାହିଁ।

ଅଦିନିଆ ବର୍ଷାରେ ରାଜ୍ୟରେ ବୋଧହୁଏ ଏଭଳି କୌଣସି ଅଞ୍ଚଳ ନାହିଁ, ଯେଉଁଠାରେ ଚାଷ ଓ ଚାଷୀ କ୍ଷତିଗ୍ରସ୍ତ ହୋଇନାହିଁ। ଏ ପର୍ଯ୍ୟନ୍ତ କଟା ହୋଇପାରି ନଥିବା ଧାନ ଗଛ ସବୁ ବିଲରେ ବର୍ଷା ମାଡ଼ରେ ଶୋଇପଡ଼ିଥିବା ବେଳେ ଚିନାବାଦାମ ଚାଷୀର ବର୍ଷକର ରୋଜଗାର ବର୍ଷା ଭିଜା ବିଲାରେ ମାଟିରେ ମିଶି ଯାଇଛି। ଯେଉଁମାନେ ଧାନ ବିକ୍ରି ପାଇଁ ମଣ୍ଡିକୁ ଆଣିଥିଲେ ସେମାନେ ମଧ କ୍ଷତି ସହିଛନ୍ତି। ଗତ ଦୁଇ ସପ୍ତାହ ଭିତରେ ଏଭଳି ଅଦିନିଆ ଲଗାଣ ବର୍ଷା ଆଗାମୀ ସପ୍ତାହରେ ମଧ ଜାରି ରହିବ ବୋଲି ପାଣିପାଗ ବିଶେଷଜ୍ଞମାନେ ଆକଳନ କରିଥିବାରୁ ଚଳିତ ବର୍ଷର ପୁଷମାସର ଆନନ୍ଦ ବର୍ଷା ବିପ୍ଳାତ ଚାଷୀ ପାଇଁ ଦୁଶ୍ଚିନ୍ତାରେ ପରିଣତ କରିଛି।

ଏହି ପରିସ୍ଥିତି ଦୁଇଟି ବିଷୟରେ ଆଲୋଚନା କରିବାର ଅବକାଶ ସୃଷ୍ଟି କରିଛି। ପ୍ରଥମତଃ, କେବଳ ଓଡ଼ିଶାରେ ନୁହେଁ, ଗତ କିଛି ମାସରେ ଭାରତର ବିଭିନ୍ନ ଅଞ୍ଚଳରେ ଅଦିନିଆ ବର୍ଷା ଯୋଗୁଁ ପିଆଜ, ରସୁଣ, ଅଦାର ବଜାର ଦର ଅମୂଲମୂଲ ହୋଇଛି। ଅଦିନିଆ ବର୍ଷାର କ୍ଷୟକ୍ଷତି ଉପରକୁ ହଠାତ ସେତେ ଅଧିକ ଜଣା ପଡୁନଥିଲେ ମଧ କୃଷକ ଓ କୃଷି କ୍ଷେତ୍ରର ସାମଗ୍ରିକ ପ୍ରତ୍ୟକ୍ଷ କ୍ଷତି ଏବଂ ଅର୍ଥନୀତି ଉପରେ ଏହାର ପରୋକ୍ଷ ପ୍ରଭାବ ଉଦବେଗଜନକ ନିଶ୍ଚୟ। ତେଣୁ ଜଳବାୟୁ ପରିବର୍ତ୍ତନ ଜନିତ ଏଭଳି ଧୀର ଅଥଚ ଗଭୀର ପ୍ରଭାବ ସୃଷ୍ଟିକାରୀ ପ୍ରାକୃତିକ ବିପର୍ଯ୍ୟୟକୁ ଜାତୀୟ ବିପର୍ଯ୍ୟୟ ଭାବେ ଘୋଷଣା କରା ନ ଯିବ କାହିଁକି ? ସେ ଦିଗରେ ସରକାର ଓ ନୀତି ନିର୍ଦ୍ଧାରକମାନେ ବିଚାର କରିବାର ସମୟ ଆସିଛି। ଦ୍ୱିତୀୟତଃ ଚାଷୀମାନେ ବିଶେଷକରି ଭାଗଚାଷୀମାନେ ଏଭଳି ପ୍ରାକୃତିକ ଦୁର୍ବିପାକରୁ ଯେଉଁ କ୍ଷତି ସହୁଛନ୍ତି ତାହା ଭରଣା କରିବା ପାଇଁ ସରକାରୀ ବୀମା ଯୋଜନା ଅସମର୍ଥ। ମାତ୍ରାଧିକ କ୍ଷତିଗ୍ରସ୍ତ ଚାଷୀଙ୍କ ବ୍ୟାଙ୍କ ଋଣ ଛାଡ଼ ଭଳି କେତେକ ଆଂଶିକ କ୍ଷତିଭରଣା ପଦକ୍ଷେପ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଉଥିଲେ ମଧ ତାହା ଚାଷୀ ସହୁଥିବା କ୍ଷତି ତୁଳନାରେ ସମୁଦ୍ରକୁ ଶଙ୍ଖେ ପରି। ବିଶେଷକରି ଜଟିଳ ବ୍ୟାଙ୍କ ପ୍ରକ୍ରିୟାକୁ ପାର କରି ସବୁ ଭାଗଚାଷୀ ଓ ନାମମାତ୍ର ଚାଷୀ ବ୍ୟାଙ୍କ ଋଣ ପାଇବା ସହଜ ନୁହେଁ।

ବାସ୍ତବରେ ନିଜକୁ ସର୍ବଶକ୍ତିମାନ ମନେ କରୁଥିବା ମଣିଷ ପ୍ରକୃତିର ଶକ୍ତି ଆଗରେ ତୁଚ୍ଛ। କିନ୍ତୁ ମଣିଷ ଦ୍ୱାରା ହିଁ ସୃଷ୍ଟି ଏହି ବିପତ୍ତିକୁ କିପରି ଯଥାସମ୍ଭବ ହ୍ରାସ କରାଯାଇପାରିବ ତାହା ମଣିଷ ହାତରେ ଅଛି। ଧନଶାଳୀ ବା ଥିଲାବାଲାମାନେ ନିଜ ସୁଖ ଓ ବିଳାସ ପାଇଁ ଯେଉଁ ଅତ୍ୟାଧୁନିକ ଜୀବନଶୈଳୀକୁ ଆବୋରି ନେଇଛନ୍ତି ତାହା ହିଁ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଲାଗି ଦାୟୀ। ବିଡ଼ମ୍ବନା ହେଉଛି ଏହାର ପରିଣାମ ଭୋଗୁଛନ୍ତି ସମାଜର ଗରିବ ବର୍ଗ। ଯଦି ଧନୀମାନେ ଏଭଳି ବିପର୍ଯ୍ୟୟର ସମ୍ମୁଖୀନ ହେଉଥାନ୍ତେ ତାହା ସମାଧାନର ବାଟ ବୋଧହୁଏ ଏ ଶୀଘ୍ର ବାହାରି ପାରନ୍ତା।


ପରିବେଶ ଅନୁକୂଳ ତଥା ବିପର୍ଯ୍ୟୟ ପ୍ରତିରୋଧୀ ବିହନ ଉତ୍ପାଦନ କରି କୃଷକଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଦେବାର ସମୟ ଏବେ ଆସିଛି। କୃଷି ବିଜ୍ଞାନୀମାନେ ଏ ଦିଗରେ ଗବେଷଣା ଜାରି ରଖିଛନ୍ତି ସତ କିନ୍ତୁ ଦ୍ରୁତବର୍ଦ୍ଧିଷ୍ଣୁ ଜଳାବୟୁ ପରିବର୍ତ୍ତନ ତୁଳନାରେ ଗବେଷଣାର ଗତି ଓ ଫଳାଫଳ ମନ୍ଥର ହେଉଥିବା ଦେଖାଯାଉଛି। ଏକ ନିର୍ଦ୍ଦିଷ୍ଟ ପରିବେଶ ଓ ପରିସ୍ଥିତିକୁ ସୁହାଇବା ଭଳି ବିହନ ଉତ୍ପାଦନର ଗବେଷଣା ବାସ୍ତବ ରୂପ ନେଇ ପ୍ରୟୋଗ ହେବା ପୂର୍ବରୁ ପାଣିପାଗ, ପରିବେଶ ଓ ପ୍ରକୃତି ପୁଣି ଏକ ନୂଆ ରୂପ ରନେଇ ଉଭା ହେଉଛି। ତେଣୁ କୃଷି ଗବେଷଣାକୁ ତ୍ୱରାନ୍ୱିତ କରିବା ପାଇଁ ସରକାରୀ ପ୍ରୋତ୍ସାହନ ଅପରିହାର୍ଯ୍ୟ। ବିଡ଼ମ୍ବନା ହେଉଛି ସାରାଜଗତକୁ ଖାଦ୍ୟ ଯୋଗାଉଥିବା କୃଷି କ୍ଷେତ୍ର ପାଇଁ ବଜେଟ ବ୍ୟବସ୍ଥା ସମୟୋପଯୋଗୀ ଓ ଆବଶ୍ୟକ ଅନୁଯାୟୀ ହୋଇପାରୁନାହିଁ। ମାନବ ସଭ୍ୟତାର ବିଲୟର କାରଣ ଯୁଦ୍ଧ ପାଇଁ ବିଶ୍ୱ ଯେତିକି ଖର୍ଚ୍ଚ କରୁଛି, ସଭ୍ୟତା ତିଷ୍ଠି ରହିବା ପାଇଁ ଆବଶ୍ୟକ କୃଷି ଲାଗି ହେଉଥିବା ଖର୍ଚ୍ଚ ତା ତଦୁଳନାରେ କାହିଁ କେତେ ହଜାର ଗୁଣା କମ। ଏ ଦିଗରେ ବିଶ୍ୱସ୍ତରୀୟ ଆଲୋଚନା ଓ ସଂକଳ୍ପ ଆବଶ୍ୟକ। ସମ୍ପ୍ରତି ଭାରତରେ କୃଷି କ୍ଷେତ୍ରରେ ଏକ ବିରାଟ ବିରୋଧାଭାସ ସୃଷ୍ଟି ହୋଇଛି। ଉଚ୍ଚ ଶିକ୍ଷିତ ଯୁବ ବର୍ଗ ଆଧୁନିକ କୃଷି ପ୍ରତି ମନ ବଳାଉଥିବା ବେଳେ ପାରମ୍ପରିକ କୃଷିରେ ନିୟୋଜିତ କୃଷକ ଓ କୃଷି ଶ୍ରମିକମାନେ କୃଷିରୁ ମୁହଁ ଫେରାଇବାରେ ଲାଗିଛନ୍ତି। ଯୁବ ବର୍ଗ ଆଧୁନିକ କୃଷିରେ ଲାଭର ଅପାର ସମ୍ଭାବନା ଦେଖୁଥିବା ବେଳେ ପାରମ୍ପରିକ କୃଷକମାନଙ୍କ ପାଇଁ କୃଷି ଆଉ ଏକ ନିର୍ଭରଶୀଳ ଜୀବିକା ହୋଇ ରହିନାହିଁ। ବର୍ତ୍ତମାନ ଭାରତୀୟ କୃଷିକ୍ଷେତ୍ର ଗ୍ରାମୀଣ ଓ ସହରା ଏହିଭଳି ଦୁଇଭାଗରେ ବିଭକ୍ତ ହେବାରେ ଲାଗିଛି। ସହରା କୃଷି ସରକାରୀ ଏମଏସପି ବ୍ୟବସ୍ଥାର ସର୍ବବୃହତ୍ ହିତାଧିକାରୀ ହୋଇଥିବାବେଳେ ଗ୍ରାମୀଣ କୃଷିର ଦୂରବସ୍ଥା ସରକାରୀ ମଣ୍ଡିରେ ଖୋଲା ଆକାଶ ତଳେ ଦେଖିବାକୁ ମିଳୁଛି। ଭାରତୀୟ କୃଷିର ଏହି ବିରୋଧାଭାସକୁ ଦୂର କରି ଏକ ସମନ୍ୱିତ ମଧ୍ୟମ ପନ୍ଥା ନିର୍ଣ୍ଣୟ କରିବାର ଦାୟିତ୍ୱ ନେବ କିଏ ? ଏହି ପ୍ରଶ୍ନର ସନ୍ତୋଷଜନକ ଓ ସର୍ବଗ୍ରାହ୍ୟ ଉତ୍ତର ତ୍ୱରିତ ଖୋଜିବାର ପ୍ରଚେଷ୍ଟା ନହୁଏ ତେବେ ହୁଏତ ଚାଷ କାମ ଯାହାର କେତେ ସୁଖ ତାହାର ଆପ୍ତ ବାକ୍ୟଟି ବଦଳି ଯାଇ ଚାଷ କାମ ଯାହାର କେତେ ଦୁଃଖ ତାହାର ହେବାରେ ବିଶେଷ ବିଳମ୍ବ ହେବନାହିଁ।

♥ ବିଭବ, ଆଚାର୍ଯ୍ୟ କଲୋନୀ, ବାଲିଗୁଡ଼ା, କନ୍ଧମାଳ

## କବିତା...

### ତଥାପି ଖୋଜୁଛି

ଦୁର୍ଗା ଚରଣ ଷଡ଼ଙ୍ଗୀ



ନିତି ପାହାନ୍ତାରୁ ମୁଁ ଉଠିବସେ
ତମରି ଡାକରେ।
ଅଥଚ ଦେଖା ଦିଅନି ତମେ
ଅଦୃଶ୍ୟ ହୋଇଯାଅ ବାରମ୍ବାର
ମୋ ଚେତନାର ଶୂନ୍ୟ ମଣ୍ଡଳରେ।

ଖୋଜା ଲୋଡ଼ା ଖେଳ
ପିଲାକାଳୁ ଏମିତି ଦେଲ ଯେ
ହିନସ୍ତା ମୁଁ ହେଲି
ତମକୁ କେତେ ଯେ ଖୋଜିଲି
ତମେ କିନ୍ତୁ ନିର୍ବିକାର ତଥାପି ଲୁଚିଲ
ମୋ ସ୍ମୃତି ଉହାଡ଼ରେ।

ଗଛପତ୍ରଙ୍କୁ ଚାହିଁଲି
କାଳେ ତମେ ଲୁଚିଥିବ
କଦବା କେଉଁଠି
ହସହସ ଫୁଲଙ୍କ ଓଠରେ
ଦିନା କେତେ ମହିମ୍ନ ସ୍ତବରେ
ତମକୁ ଆଢ଼େଇ ଦେଖିଲି
ପବନ ଓ ନଈର ପାଣିରେ

ଏବେ ବି ଖୋଜି ଚାଲିଛି ମୁଁ
ତମରି ଅସ୍ତିତ୍ୱ
ଏଇ ବଞ୍ଚିବାର କ୍ଷୀଣ ଆୟୁଷରେ।

ଦିନେ ଦିନେ ନିରାଭରଣ ତମର
ଏ ଆକାଶକୁ ଚାହିଁ ରହିଥାଏ
ଉଦାସ ଆଖିରେ
ସେଠି କାଳେ ନିତି ପ୍ରତି ତମେ
ତାରା ଓ ନକ୍ଷତ୍ରଙ୍କ ମେଳେ
ଘୁରାଫେରା କର ?
ଜହ୍ନ ଉଏଁ ବୁଡ଼େ
ଅସ୍ତାଚଳେ ସୂର୍ଯ୍ୟ ଲୁଚିଯାଏ
ଏମିକି କାଳକ
ସେମାନେ ଖୋଜନ୍ତି ବି ତମକୁ
କାଳ କାଳ ଧରି
ହେଲେ ତମେ ବୋହୂଚୋରି ଖେଳ
ଥାଅ କି ନଥାଅ- ଦୁଃଖ ଦିଅ
ପ୍ରିୟଜନ ପରି
ତଥାପି ମୁଁ ଚାଲିଥାଏ ଖୋଜି
କାଳେ ତମେ କେବେ ଦିନେ
ମୋ ଭାଗ୍ୟକୁ ଦେଖା ହୋଇଯିବ।

ହେ’ ମୋ ନିର୍ଦ୍ଦୟ ଈଶ୍ୱର
ତମର ଅସ୍ତିତ୍ୱ ସବୁ
ନେସି ହୋଇଥାଏ

କାଳେ ସଚରାଚରରେ
ତମେ କିନ୍ତୁ ନିର୍ବିକାର
କେବେ କାହାପାଇଁ ଦିଅନାହିଁ ଦେଖା
କାହା ପାଇଁ ତମର ବି ଶୋଚନା ନଥାଏ।

ଖଣ୍ଡିଆ ଭୂତଟେ ହୋଇ ବେଳେବେଳେ
ଧୂଳି ମାଟି ପାଣି ପବନ ସବୁକୁ
ହସିହସି ଚୂରମାର କର
ପୁଣି ଫେରିବି କହି
ଅଝଟ ଶିଶୁଟେ ତା ମାଆ କୋଳେ
କାନ୍ଦି କାନ୍ଦି ଶୋଇ ଯିବା ପରି
ତମେ ମତେ ବହଲେଇ ଠକି ଦେଇ
ଅଦୃଶ୍ୟରେ କିଆଁ ସତେ ଅନ୍ତର୍ଧାନ ହୁଅ !

♥ ଭୁବନେଶ୍ୱର
ମୋ: ୯୪୩୮୫୩୫୫୭୭

### ଡିସେମ୍ବର

ପ୍ରତିଭା ଖିଲାର



ଡିସେମ୍ବର
ନିଜେ ଗୋଟେ ନାଁ ନଥିବା ଭୟ ,

ତାକୁ ପଚାରିଲେ ସେ କହିପାରିବ
ପ୍ରଜାପତି ପିଠିରୁ ଧାଡି ବାନ୍ଧି
ଓହ୍ଲାଉଥିବା ଭୟର ଭୂତାଣୁମାନଙ୍କ ନାଁ,
ଯେଉଁମାନେ ଏବେ ଉଦ୍ୟାନରେ
ମନ ମତାଣିଆ ଗୀତ ଗାଇ
କାହା ମିଠା ହସର ସରଳତାରେ
ସାଜନ୍ତି ମାୟାବିନୀ
ଆଉ ନିଶ୍ୱାସରେ ବୁଣି ଦିଅନ୍ତି
ସର୍ପବିଷର କାହାଣୀ ।

ସେ ନିଶ୍ଚୟ କହିବ
କେତେ ଜାଡରେ ରାତି ହୁଏ ଗଭୀର
କେତେ ଅନ୍ଧାରରେ ବନ୍ଧାପଡେ ପ୍ରେମର ନୂଆ
ପ୍ରତିବିମ୍ବ
କେତେ କାକର ଟୋପାରେ
ହଜିପାରେ ରହସ୍ୟମୟ ତାରାର ଆଲୁଅ
କେତେ ତାପମାତ୍ରାରେ ଲୁଚିପାରେ
ପ୍ରେମିକ ଆଖିର ଭୋକ
ତାକୁ ପଚାର,

ସେ ନିଶ୍ଚୟ କହିବ
ଦେବଦାରୁ ଗଛ ତଳେ
ଡେଣା ଭାଙ୍ଗିପଡିଥିବା ପରଦେଶୀ ପକ୍ଷୀ
ଲୁହର ଓଜନ କେତେ
ସମୟକୁ ଜାବୁଡ଼ି ଧରିଥିବା
ତା’ ଜୀବନର ଝାଉଁବଣ
ଏବେ କେଉଁ ଦେବତାଙ୍କ ଅନ୍ତରାଳରେ ,


ପ୍ରଶ୍ନକର ତାକୁ
ସାରା ରାତି ନିଜକୁ ଉଜାଗର ରଖୁଥିବା
ଗୋଟେ ନିଷ୍ପାପ ଉତ୍ତର ସେ ,

ନିର୍ବୋଧ ଡିସେମ୍ବର
ଫୁଲ ପରି, ନଈ ପରି
ନିର୍ବୋଧ ବି ତା’ ନିଷ୍ଠୁରତମ ଦୁଃଖ ପରି
ଆତ୍ମାହୁତିର ଶେଷ କବିତାଟି ପରି ,
ସେ ଡିସେମ୍ବର
ନିଜେ ଗୋଟେ ନାଁ ନଥିବା ଭୟ ପରି ।

♥ ଲିଙ୍ଗରାଜ ନଗର
ଭୁବନେଶ୍ୱର

### ପୁରୁଣା ଚାଦର

ମାନସ ରଞ୍ଜନ ମହାପାତ୍ର



କେତେ ଶୀଘ୍ର ଭୁଲି ହୋଇଯାଆନ୍ତି
ଲୋକମାନେ
ଓ ମୁଁ ଗୋଟେ ପୁରୁଣା ଫୋନ୍ ନମ୍ବରକୁ
ବାରମ୍ବାର ଫୋନ୍ କରୁଥାଏ
ଉତ୍ତର ଦେଉନଥାନ୍ତି କେହି
ମୋ ଶବ୍ଦ ବାରମ୍ବାର ଫେରି ଆସୁଥାଏ
ମୋ ପାଖକୁ

ଏଇଟା ଜଣାଶୁଣା କଥା
ମଳାପରେ ଦରଜାରେ ଲାଗିଯାଏ ଧୂଳି

ପୋଷା କୁକୁରଟି ଗୁମୁରୁଥାଏ ଏକାକୀ
ପିଲାମାନେ ନିଜନିଜ ସଂସାର ନେଇ
ଯାଇଥାନ୍ତି ଆଗେଇ
ସ୍ତ୍ରୀ ପୁରୁଣା ଲୁଗାପଟା
ବନ୍ଦ କରିଦେଇଥାନ୍ତି ଟ୍ରଙ୍କରେ
ବନ୍ଧୁମାନେ ଲେଖା ଯୋଗାଡ଼ କରୁଥାନ୍ତି
ସ୍ମରଣିକାଟେ ଛାପିବେ ବୋଲି

କେତେ ଶୀଘ୍ର ଭୁଲି ହୋଇଯାଏ
ବିଗତ ଦିନର କଥା

ସବୁ ସ୍ୱପ୍ନ ଓ ଅହଂକାର
ହାତ ମକଚୁଥାଆନ୍ତି ଗୋଟେ
ଅଜଣା ଛକରେ

ପୁରୁଣା କଲମଟେ ଏକା ଏକା
ଠିଆ ହୋଇଥାଏ ଟେବୁଲରେ ।

♥ ଟିକରପଡା ରୋଡ, ପୁରୀ
(ମୋ) ୯୮୯୧୯୪୬୧୭୮

### ନୂଆବର୍ଷର ଆଶା କେଉଁଠି ?

ଜୟନ୍ତୀ ବିଶ୍ୱାଳ ବେହୁରିଆ



ବର୍ଷ ବଦଳିଯାଏ,
ମାଟି କିନ୍ତୁ ଭୋଗେ
ସମାନ ଦୁର୍ଦ୍ଦଶା ।
ସୂର୍ଯ୍ୟକୁ ଛୁଇଁ ପାରିନଥିବା ଗାଁଆଟିର
ଛାଇରେ ଛିଡାହୋଇ
ପିଲାମାନେ ତେନ୍ତୁଳି ପତ୍ର ଚୋବାନ୍ତି,
ଭୋକ କୌଣସି କାହାଣୀ କହିନଥାଏ,
ଏହା ଅଗଣିତ ମଣିଷର ଚିତ୍ର
ତୁମକୁ ବୁଝିବାକୁ ପଡିବ ।

କନ୍ଧମାଳର ମାଣ୍ଡିପକା
ଗାଁରେ, ଦିନର
ଆଲୋକ ପଡ଼ିଲେ ମଧ
ଅନ୍ଧାର’ର ଆଖି ଉଠେ ।
ଆମ୍ବଟାକୁଆର ବିଷାକ୍ତ ସ୍ୱାଦ
ଜିତା ମାଝିର କ୍ଳାନ୍ତ ଶିରାରେ
ଜୀବନ ଅଳ୍ପ ହେଇଯାଏ,
ଯକୃତ, ହୃଦୟ ଏବଂ ମସ୍ତିଷ୍କ
ଆତ୍ମସମର୍ପଣ କରେ
ନୀରବରେ ସରିଯାଏ ଜିତା ମାଝି ।

ସାରା ବିଶ୍ୱରେ ଆଜି
ଯୁଦ୍ଧର ଘନଘଟା, ଆତଙ୍କର
ଜ୍ୱାଳା ଓ ଅନ୍ଧାର ।
ପଥହୀନ ଯୁବପିଢି,
ଖଣ୍ଡ ଖଣ୍ଡ ହୋଇଯିବାକୁ ବାଧ
ସେମାନଙ୍କ ସ୍ୱପ୍ନ
ଭଙ୍ଗା କାଚପରି ।

ନୂଆବର୍ଷର ଆଶା କେଉଁଠି ଅଛି ?
ଆମ ସ୍ୱପ୍ନରେ କେବଳ
ଧ୍ୱଂସର ଭାର,
ଯେତେବେଳେ ପ୍ରତ୍ୟେକ ଆଲୋକ
କ୍ଷୁଧା, ଆତଙ୍କ ଓ ଶୂନ୍ୟତାକୁ ପ୍ରକାଶ କରେ ।

ଏ ସମୟ ଆନନ୍ଦ ପାଇଁ ନୁହେଁ,
ବରଂ ହିସାବ ପାଇଁ ।
ଆମେ ପ୍ରକୃତରେ ଏଇ ବର୍ଷକୁ
ନୂଆକରି ଗଢି ପାରିବା ?
ମାଟିରୁ ଉଭାରି ପାରିବା
ବାରୁଦର ଗନ୍ଧ ?

ପାଣିକୁ ବିଶୁଦ୍ଧ,
ପ୍ରତିଟି ହୃଦୟରେ ପହଞ୍ଚିପାରିବ
ପବନର ସୁଗନ୍ଧ ?

ଆମେ ଆମର ଝିଅଙ୍କୁ
ଦେଖେଇ ଦେଇପାରିବା
ଗୋଟେ ଅକ୍ଷତ ଓ ଭୟହୀନ ପଥ ?
ଆସନ୍ତାକାଲିକୁ ପୁନଃନିର୍ମାଣ
କରିପାରିବା ?
ଯେଉଁଠାରେ
ସ୍ୱପ୍ନ ଗୁଡିକ କେବେହେଲେ
ମରିବେ ନାହିଁ ??

ଈ ♥ କୃଷ୍ଣନଗର, ବାଲିଆ, ବାଲେଶ୍ୱର
ମୋ: ୮୯୧୭୬୭୫୭୮୩

# ମୋ ସାହିତ୍ୟ ସଂପର୍କ, ସଂପ୍ରୀତି, ସତ୍ୟ-ଶିବ-ସୁନ୍ଦରର ବାହକ ଓ ଧାରକ : ସୂର୍ଯ୍ୟ ମିଶ୍ର

**ସୂର୍ଯ୍ୟ ମିଶ୍ର** କବିତା ଜଗତରେ ଗୋଟେ ସ୍ୱଷ୍ଟ ପାଦଚିହ୍ନ । କେବଳ ଓଡିଆ କବିତା ନୁହେଁ, ତାଙ୍କର କେତେକ କବିତା ହିନ୍ଦୀରେ 'ମୃଦୁ ମୃଦୁ ମୃତ୍ୟୁ' ଓ 'ଯୋ ଲୌଟ ନହିଁ' ଓ ବଙ୍ଗଳାରେ 'ଆଜ୍‌କାଲ୍ ଦେବୀଦାସ ଲେଖେନା କବିତା' ନାମରେ ମଧ ପ୍ରକାଶିତ । କବି ସୂର୍ଯ୍ୟ ମିଶ୍ରଙ୍କ କବିତା ଆବେଗ, ଉଦ୍‌ବେଗ, ଆଲୋକ ଓ ଆନନ୍ଦର ଉତ୍ସ । କେବେ ଧୂସର ଆକାଶର ମାୟା ତ କେବେ ଅରୁନ୍ଧତୀ ଆଲୁଅର ଛାୟା ପରି ପାଠକଙ୍କୁ ଆବୋରି ବସେ ତାଙ୍କ କବିତା । ତାଙ୍କ ସହ ଏଥରର ଆଳାପ...



**ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ**

■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟ ସ୍ଫୁରଣ ?

■■ ନିମ୍ନ ମଧବିତ୍ତ ପରିବାରରେ ଦୈନ୍ୟ ଓ ଅନଟନର ପରିବେଶ, ଗ୍ରାମୀଣ ପୃଷ୍ଠଭୂମି, ବାପାଙ୍କ ସଂସ୍କୃତି ଚର୍ଚ୍ଚା, ବୋଉର ପୁରାଣ-ଓଷାବ୍ରତ ପାଠ ସାଙ୍ଗକୁ ଶୈଶବର ସହପାଠୀମାନଙ୍କ ସହ ମତ ବିନିମୟପ୍ରସୂତ ଭାଷାଗ୍ରହ: କୈଶୋରର ଆବେଗ ଓ କଳ୍ପନାପ୍ରବଣତା ସୃଜନର ଆଦ୍ୟସ୍ଫୁରଣ ପାଇଁ ଦାୟୀ । ସ୍କୁଲ ଜୀବନରେ 'ଶିଶୁରାଇଜ' କି 'ମୀନାବଜାର' ପୃଷ୍ଠାରେ ଲେଖିବାର ଆଗ୍ରହ, ଛାପା ଅକ୍ଷରରେ ନିଜ ନାଁ ଦେଖି ଉଲ୍ଲସିତ ହେବାର ମହତ୍ତ୍ୱାକାଂକ୍ଷା ଏଇ ସ୍ଫୁରଣ ପାଇଁ କମ୍ ଦାୟୀ ନୁହେଁ । ନୂଆ ନୂଆ ସୃଜନର 'ବିଦ୍ୟୁତ୍‌ରେଖା' ଆସୁନଥିଲା, କେବଳ କଞ୍ଚାମାଲ ଥିଲା ଭାବନା ଓ କଳ୍ପନାଶକ୍ତି ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ମୋ ସାରସ୍ୱତ ଜୀବନର ଏକାଧିକ ପ୍ରେରଣାସ୍ରୋତଙ୍କୁ ମୁଁ ସ୍ୱୀକାର କରେ । ପରିବାରରେ ସାହିତ୍ୟ ପ୍ରତି ଆଗ୍ରହ, ଦେଢ଼ହଜାରରୁ ଊର୍ଦ୍ଧ୍ୱ ବର୍ଷର ଓଡ଼ିଆ ସାହିତ୍ୟ ପରମ୍ପରା, ତା'ସହିତ ରହିଛନ୍ତି ଆମ ଭାଷା-ସାହିତ୍ୟର ଅମର ପୂର୍ବସୂରୀ ଅନେକ । ମୋ ସାହିତ୍ୟର ଆଦ୍ୟଗୁରୁ ମୋର ପିତାମାତା, ମୋର ସାହିତ୍ୟ ଶିକ୍ଷକ ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥି ମଧ୍ୟରୁ କେଉଁଟି ଆପଣଙ୍କର ପ୍ରିୟ ଓ କହିଁକି ?

■■ ସପ୍ତମ-ଅଷ୍ଟମ ଶ୍ରେଣୀବେଳୁ ସାହିତ୍ୟ ଜଗତରେ ପ୍ରବେଶ କରିବାର ଅନୁଭୂତି ଥିଲା ପୁଲକପ୍ରଦ । ତେବେ ୧୯୭୫ରେ ସାହିତ୍ୟ ପତ୍ରିକା 'ନିଶୀଥ ସୂର୍ଯ୍ୟ' ଓ ୧୯୮୦ରେ 'ଝଙ୍କାର'ରେ ମୋର ପ୍ରକାଶିତ ଲେଖା ମୋତେ ସୃଜନଯାତ୍ରା ପାଇଁ ଦମ୍ଭ ଓ ସାହସ ଯୋଗାଇଥିଲା । ୧୯୯୧ରେ ମୋର ପ୍ରଥମ କବିତା ବହି 'ସାତବର୍ଣ୍ଣର ସକାଳ' ସେହି ଯାତ୍ରାପଥକୁ ସୁଦୀର୍ଘ କରିବାରେ ସହାୟକ ହୋଇଥିଲା । ସେତେବେଳର ଅନୁଭୂତି ସାବାସୀ, ପ୍ରତ୍ୟାଖାନ, ସଂପର୍କ-ଦୃଢ଼ୀକରଣ ଓ ଜିଜ୍ଞାସା ପରି କଟୁ-ତିକ୍ତ-କଷାୟ-ମଧୁର ଉପାଦାନଗୁଡ଼ିକରେ ପାକଳ ହେବା ଆରମ୍ଭ କରୁଥିଲା । ଏ ଯାବତ୍ ମୋର ୯ଟି କବିତା ପୁସ୍ତକ ପ୍ରକାଶିତ । କେଉଁଟି ମୁଁ କହିପାରିବିନି, କାରଣ ସବୁ ସନ୍ତାନକୁ ସ୍ନେହସୁଆଗରେ ଲାଳନ କରିବା ଓ ସେମାନଙ୍କୁ ସମଦୃଷ୍ଟିରେ ଦେଖିବା ବଡ଼ କଥା ।

■ କୁହାଯାଏ ଈଶ୍ୱରଦତ୍ତ ପ୍ରତିଭା ନଥିଲେ ଜଣେ ମଣିଷ କବି ବା ଲେଖକ ହୋଇପାରେନା। ଆପଣ ଏ ସଂପର୍କରେ କ'ଣ ମତ ରଖିବେ ?

■■ ପ୍ରତିଭା ଈଶ୍ୱରଦତ୍ତ ନିଶ୍ଚୟ । ଏହା ପାଣ୍ଡିତ୍ୟ କି ଜ୍ଞାନ କେବଳ ନୁହେଁ । କିନ୍ତୁ ଆଜିକାଲି ଲେଖକୀୟ ସତ୍ତାର ବିକାଶ ଅନେକ ବିନ୍ଦୁ ଉପରେ ନିର୍ଭରଶୀଳ । ଈଶ୍ୱରଦତ୍ତ ପ୍ରତିଭା ନଥାଇ ମଧ ଜଣେ ଲେଖକ ହୋଇପାରିବ । କବିତା ନିର୍ମାଣ କଳା ଏବେ ପାଠପଢ଼ା ହେଲାଣି । କୃତ୍ରିମ ବୁଦ୍ଧିମତ୍ତା କଳ୍ପନାକୁ ନିୟନ୍ତ୍ରଣ କଲାଣି । ଲିଖନ କଳାର ତାଲିମ ଦିଆଗଲାଣି । ତେଣୁ ଅଧ୍ୟୟନ, ଅଭ୍ୟାସ ଓ ଅନୁଭୂତି ମଧ ଲେଖକୀୟ ସତ୍ତାକୁ ଉତ୍ସାହିତ କରୁଛି। ପୁଣି, ଭାରତୀୟ ଶାସ୍ତ୍ରରେ ନବରସ, ଧ୍ୱନିତତ୍ତ୍ୱ, ଛନ୍ଦ-ଅଳଙ୍କାର, ସାହିତ୍ୟ-ସୂତ୍ର ଇତ୍ୟାଦି ଜଣଙ୍କର ଲେଖକୀୟ ସତ୍ତାକୁ ସଶକ୍ତ କରିବାରେ ବେଶ୍ ସହାୟକ ହେଉଛି ।

■ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ସତ୍ତ୍ୱେ ଯେତିକି ଅଗ୍ରଗତି କରିବା କଥା, ସେତିକି କରିପାରିନାହିଁ ବୋଲି କୁହାଯାଏ । ଏ ସମ୍ପର୍କରେ କଣ କହିବେ ?

■■ ଶାସ୍ତ୍ରୀୟ ଭାଷା ମାନ୍ୟତା ପ୍ରାପ୍ତି ପରେ ଓଡ଼ିଆକୁ ଜ୍ଞାନଭଣ୍ଡାରର ଭାଷା ଭାବରେ ପ୍ରତିଷ୍ଠିତ କରିବାର ଉଦ୍ୟମ ଲୋଡ଼ା । କେବଳ ସାହିତ୍ୟର ପୁସ୍ତକ ପ୍ରସାର ନୁହେଁ, ବରଂ ସବୁ କ୍ଷେତ୍ରରେ ପର୍ଯ୍ୟାପ୍ତ ଜ୍ଞାନାଲୋକ ଆହରଣ ପାଇଁ ବିବିଧ ଉପାଦାନର ପ୍ରସାର ଅପରିହାର୍ଯ୍ୟ ହୋଇପଡ଼ିଛି । ସେହି ଦୃଷ୍ଟିରୁ ସିଲେଇ, ରୋଷେଇ, ଇଂଜିନିୟରିଂ, ବିଜ୍ଞାନ, ଗଣିତ, ଉଦ୍ୟାନକର୍ମ, କୃଷି, ଯନ୍ତ୍ର-ମନ୍ତ୍ର-ତନ୍ତ୍ର, ଆୟୁର୍ବେଦ-ହୋମିଓପାଥି-ନେଚରପାଥି-ଡାକ୍ତରୀ, ବାସ୍ତୁ, କଳା-କାରିଗରୀ, ଜ୍ୟୋତିଷ, ମନସ୍ତତ୍ତ୍ୱ, ପୁରାଣ ଚର୍ଚ୍ଚା, ସଂସ୍କୃତି, ଅଭିଲେଖ, ପ୍ରନିତତ୍ତ୍ୱ, ଦର୍ଶନ, ସାମ୍ବାଦିକତା ଇତ୍ୟାଦି ବିଭିନ୍ନ କ୍ଷେତ୍ର ପାଇଁ ପର୍ଯ୍ୟାପ୍ତ ପ୍ରକାଶନ ଦରକାର । ଏହା ବ୍ୟତୀତ ସମସ୍ତଙ୍କ ପାଖରେ ଓଡ଼ିଆ ପଢ଼ିବା, ବୁଝିବା, ଲେଖିବା, କହିବାର ଅପ୍ରତିମ ଆଗ୍ରହ ଆବଶ୍ୟକ । ପୁଣି କ୍ରିୟାକଳାପ, ସଂଗଠନ, ମତବିନିମୟ, ବିମର୍ଶ ନିର୍ମାଣ, ଅନୁବାଦ, ପାଠାଗାର ଇତ୍ୟାଦିର ଭୂମିକାକୁ ସୁଦୂରପ୍ରସାରୀ କରିବାର ଉଦ୍ୟମ ବୃଦ୍ଧି ହେବା ଆବଶ୍ୟକ । ଏସବୁ ସରକାରୀ-ବେସରକାରୀ-କର୍ପୋରେଟ୍ ଓ ବ୍ୟକ୍ତିଗତ ପ୍ରୋତ୍ସାହନ ବଳରେ ଯେତେ ଆଗେଇବ, ଉନ୍ନତି ସେତିକି ଆଖିଦୃଶିଆ ଓ ଈର୍ଷଣୀୟ ଲାଗିବ ।

■ ଅଳ୍ପରେ କବି ସୂର୍ଯ୍ୟ ମିଶ୍ର



ଜନ୍ମ ତାରିଖ - ୨୪/୦୩/୧୯୬୦
ପିତା : ୰ କାଶୀନାଥ ମିଶ୍ର
ମାତା : ୰ ଅନ୍ନପୂର୍ଣ୍ଣା ଦେବୀ
ବର୍ତ୍ତମାନର ଠିକଣା :
ବି-୧୦୯, ସିଟି ଏନ୍‌କ୍ଲେଭ,
ଗାୟତ୍ରୀ ବିହାର, ସୁନ୍ଦରପଦା
ଭୁବନେଶ୍ୱର-୭୫୧୦୦୨
(ମୋ) ୬୩୭୧୪୩୫୨୮୮

**ପ୍ରକାଶିତ ପୁସ୍ତକ-**

**କବିତା**

୧- ସାତବର୍ଣ୍ଣର ସକାଳ
୨- ଏକା ଏକା ସହବାସ,
୩- ଶୂନ୍ୟବାସ,
୪- ହାୟ ଶବ୍ଦ !
୪- ପାଗଳ ପ୍ରେମିକ ଦଳ
୫- ମୃଦୁ ମୃଦୁ ମୃତ୍ୟୁ
୬- ଲିଖିତ ନିରବତା
୭- ଅନେକ ନିଦ୍ରିତ ଛାଇ
୮- ଅନ୍ୟମନସ୍କ

**ସଂପାଦନା**

୧- ସାରସ୍ୱତ ପତ୍ରାଳାପ, ଭୁବନେଶ୍ୱର



ପ୍ରାଣପ୍ରିୟା ପତ୍ନୀଙ୍କ ସହ କବି ସୂର୍ଯ୍ୟ ମିଶ୍ର....

■ କବିତାରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ? ନିଜେ ଜଣେ କବି ଭାବରେ ସେମିତି କିଛି ଅନୁଭବ କ'ଣ ଆପଣଙ୍କର ଅଛି ?

■■ କବିତା ତ ସ୍ଲୋଗାନ କି ଦାବି ପୂରଣ ନୁହେଁ, ଏହା ଆଲୋକ ଓ ଆନନ୍ଦର ଉତ୍ସ। ଏହା କେବଳ ଆବେଦନ ବଳରେ ଗୋଟିଏ ସନ୍ଦେଶ କି ପ୍ରେରଣା ଦେଇପାରିବ । ଆମର ସୂକ୍ଷ୍ମ ଚେତନାକୁ ଜାଗ୍ରତ କରିପାରିବ । ଲେଖକର ଅଭିବ୍ୟକ୍ତିରେ ପାଠକର, ସମାଜର ସମର୍ଥନ କି ସହଯୋଗ ପ୍ରଦର୍ଶନର ମାନସିକତାର ବୃଦ୍ଧି ବଡ଼କଥା । ତେବେ ଲେଖକ ପାଖରେ ବ୍ୟବସ୍ଥା ପରିବର୍ତ୍ତନ କରିବାର ସାମର୍ଥ୍ୟ ମଧ ଅଛି । ବ୍ୟବସ୍ଥାର ପରିବର୍ତ୍ତନ କ୍ରମେ କ୍ରମେ ସାମାଜିକ-ସାଂସ୍କୃତିକ ଓ ବୌଦ୍ଧିକ ପରିବେଶକୁ ପ୍ରଭାବିତ ଓ ପରିମାର୍ଜିତ କରିପାରେ । ବିଶ୍ୱ ସାହିତ୍ୟ ପ୍ରେକ୍ଷାପଟରେ ଏହା ପ୍ରମାଣିତ ହୋଇଛି ।

■ ଓଡିଆ ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରିବ ?

■■ ଓଡ଼ିଶା ସାହିତ୍ୟର ଭବିଷ୍ୟତକୁ ନେଇ ମୁଁ ବିଶେଷ ଆଶାବାଦୀ । ସମୃଦ୍ଧ ପରମ୍ପରା, କ୍ଲାସିକ୍ ରଚନା ସାଙ୍ଗକୁ ପ୍ରସିଦ୍ଧ ସାହିତ୍ୟରଥୀବୃନ୍ଦ, ସମକାଳର ସାହିତ୍ୟିକ ଦୃଶ୍ୟପଟ, ତାରୁଣ୍ୟର ଜୟଯାତ୍ରା, ସମ୍ମାନ-ପୁରସ୍କାର-ସମ୍ବର୍ଦ୍ଧନାରେ ଜାତୀୟ ଓ ଅନ୍ତର୍ଜାତୀୟ ଆଦୃତି ଇତ୍ୟାଦି ବାବଦରେ ଆକଳନ କଲେ ଆମ ଭାଷା ସାହିତ୍ୟର ଭବିଷ୍ୟତ ଉଜ୍ଜ୍ୱଳ ବୋଲି କହିହେବ । ସେହିପରି ସୋସିଆଲ ମିଡ଼ିଆରେ ଓଡ଼ିଆ ସାହିତ୍ୟର ବ୍ୟାପକ ପ୍ରସାର ମଧ ଏପରି ସମ୍ଭାବନାର ଶକ୍ତିମତ୍ତା ବୃଦ୍ଧି କରୁଛି ।

■ କବି ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? କବିତା ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ପୁରସ୍କାରର ମୂଲ୍ୟ ନିଶ୍ଚୟ ଅଛି । ଏହା ଏକ ପ୍ରୋତ୍ସାହନ ଏବଂ ଲେଖକୀୟ ଯାତ୍ରାକୁ ଅଗ୍ରସର କରିବାରେ ସହାୟକ ହୋଇଥାଏ । କିନ୍ତୁ ଜଣେ ବିଦଗ୍ଧ ପାଠକର ପ୍ରଶଂସା ପୁରସ୍କାର ତୁଳନାରେ ଅଧିକ ମୂଲ୍ୟବାନ । ଲେଖକର ପରିଚୟ ନ ଖୋଜି ତା' ଲେଖା ବିଷୟରେ ଭାବିବା, ଆକଳନ କରିବା ଓ ପ୍ରଶଂସା କରିବା ପୁରସ୍କାରର ଶହେଗୁଣ । କବିତା ମାଧ୍ୟମରେ ସାଂପ୍ରତିକ ସମୟର ମହତ୍ତମ ଓ ମହତ୍ତ୍ୱପୂର୍ଣ୍ଣ ଆକୁତିଟି ସାଧାରଣ ପାଠକ ନିକଟରେ ପହଞ୍ଚି ପାରିଲେ, ସେତକି ହେବ ସାର୍ଥକତା । ସମସ୍ତଙ୍କ ପାଖରେ ଏଇ ବାର୍ତ୍ତାଟି ସାଇତି ରହୁ ଯେ ମୋ ସାହିତ୍ୟ ସଂପର୍କ, ସଂପ୍ରୀତି, ସତ୍ୟ-ଶିବ-ସୁନ୍ଦରର ବାହକ ଓ ଧାରକ ।

❤❤



ପତ୍ନୀ ଓ ପୁତ୍ରଙ୍କ ସହ କବି ସୂର୍ଯ୍ୟ ମିଶ୍ର...




କଳିଙ୍ଗ ସାହିତ୍ୟ ମହୋତ୍ସବରେ କବି ସୂର୍ଯ୍ୟ ମିଶ୍ର...



ସମ୍ବର୍ଦ୍ଧିତ ହେବାର ମହାର୍ଘ ମୁହୂର୍ତ୍ତ...

# ପ୍ରଥମ ବିଦେଶ ଯାତ୍ରା

## ମୋ ଝର୍କାରୁ ଆମେରିକା...

ନନ୍ଦିତା ମହାନ୍ତି

ଭାଗ-୪

**ପେଟରେ କିଛି ଖାଦ୍ୟ ପଡିଲା ପରେ ଏବେ ଟିକେ ଭଲ ଲାଗୁଥିଲା । ମନରେ ଯାହା ବି ଆଶା ଆଶଙ୍କା ଥିଲା ତାହା ବି ଏବେ ଟିକେ କମ ହୋଇଗଲା ପରି ଲାଗୁଥିଲା । କାରଣ ମୁଁ ଜାଣି ସାରିଥିଲି ଏମିତି ଅସୁବିଧାରେ ମୁଁ ଏକା ନୁହେଁ ମୋ ପରି ଆହୁରି ଅନେକ ଏଠାରେ ଫସିକି ଅଛନ୍ତି । ମଣିଷର ମନ ବଡ ଅଦ୍ଭୁତ । ସିଏ ନିଜେ ସଙ୍କଟରେ ଥିବା ତା ପାଇଁ ଅସହନୀୟ ହେଲେ ତା ସହିତ ଯଦି ଆଉ କେହି ସଙ୍କଟରେ ଅଛି ତେବେ ତାହା ଏକ ମାନସିକ ଆଶ୍ୱସ୍ତିର କାରଣ ହୋଇଯାଏ । ଏକ ବିଚିତ୍ର ମାନସିକତା ହୋଇଥିଲେ ମଧ୍ୟ ଏବେ ମୁଁ ସେମିତି ଏକ ମାନସିକ ଆଶ୍ୱସ୍ତି ମଧ୍ୟରେ ଥିଲି ।**

ଧାଡ଼ି ଧାଡ଼ି ହେଇ ଅନେକ କାଉଣ୍ଟର । ଭିନ୍ନ ଭିନ୍ନ ଦେଶ ଓ ଭିନ୍ନ ଭିନ୍ନ ଏୟାରୱେଜ ପାଇଁ । ଲୋକମାନେ ଧାଡିରେ ଛିଡା ହେଉଛନ୍ତି ଓ ନିଜ ନିଜର ବୋଡିଙ୍ଗ ପାସ ନେଉଛନ୍ତି । ମୁଁ ଚାହିଁଥାଏ ମୋର ପାଳି ଆସିବାକୁ । ପ୍ରାୟ ୨.୩୦ ରେ ଡିସପ୍ଲେରେ ଦେଖେଇଲା କୁଏତ ଯିବାକୁ ଥିବା କୁଏତ ଏୟାରୱେଜର ଚେକଇନ ଆରମ୍ଭ ହେବ । ପ୍ରଥମେ ବିଜିନେସ କ୍ଲାସ ଆଉ ତାପରେ ଇକୋନୋମି କ୍ଲାସ । ମୁଁ ଯାଇ ଧାଡିରେ ଛିଡା ହୋଇପଡିଲି । ବୋଡିଙ୍ଗ ପାସ ନେଲି। ବ୍ୟାଗ ସବୁ ଚେକଇନରେ ଦେଇ ମୁଁ ସିକ୍ୟୁରିଟି ଚେକିଙ୍ଗ ପାଇଁ ଗଲି । ବୋର୍ଡିଙ୍ଗ ପାସ ଅନୁସାରେ ମୋଟ ଫ୍ଲାଇଟ ଗେଟ ନମ୍ବର ୬୩ ରେ ଆସିବା କଥା । ଅଗତ୍ୟା ମୁଁ ନିଜର କ୍ୟାବିନ ବ୍ୟାଗ ଓ ହ୍ୟାଣ୍ଡ ବ୍ୟାଗ ନେଇ ଗେଟ ଅଭିମୁଖେ ଚାଲିଲି । ମୁମ୍ବାଇ ଏୟାରପୋର୍ଟରେ ପ୍ରାୟ ୯୦ ଟି ବୋର୍ଡିଙ୍ଗ ଗେଟ ଓ ପ୍ରାୟ ୬୦ ଟି ବୋର୍ଡିଙ୍ଗ ବ୍ରିଜ ଅଛି। ମୋ ପାଇଁ ଉଦ୍ଦିଷ୍ଟ ଗେଟ ନିକଟରେ ପହଞ୍ଚିବା ପାଇଁ ଖୁବ୍ ଲମ୍ବା ରାସ୍ତା ଚାଲିବାକୁ ପଡିବ ।

ହେଲେ ଚାଲିବାକୁ ସୁଖକର କରିବା ପାଇଁ ମଝିରେ ମଝିରେ ଥିଲା ମୁଭିଂ ୱାକ-ୱେଜ ଯାହା ଚଲା-ରାସ୍ତା କଡରେ ଥିଲା । ଗୋଟିଏ ଗେଟରୁ ଆଉ ଗୋଟିଏ ଗେଟ ଯାଏଁ ଯିବା ପାଇଁ ଏହା ଉଦ୍ଦିଷ୍ଟ ଥିଲା । ଗୋଟିଏ ଗୋଟିଏ ୱାକ-ୱେଜ ଲମ୍ବ ଥିଲା ପ୍ରାୟ ୧୦୦ ମିଟର । ସେଇ ଏସ୍କାଲେଟର ବେଲ୍ଟରେ କେବଳ ଛିଡା ହୋଇଗଲେ ହିଁ ତାହା ନେଇ ପହଞ୍ଚେଇ ଦେଉଥିଲା ଆଉ ଏକ ସ୍ଥାନରେ । ମଝିରେ ମଝିରେ ଥିଲା ଡ୍ୟୁଟି ଫ୍ରି ଷ୍ଟୋର, ବିଭିନ୍ନ ଖ୍ୟାତିସମ୍ପନ୍ନ ଜାତୀୟ ଓ ଆନ୍ତର୍ଜାତୀୟ ବ୍ରାଣ୍ଡର ସୋରୁମ। ଭାରତର ବିଭିନ୍ନ ପ୍ରାନ୍ତରର ହସ୍ତକଳା ଓ ପ୍ରାନ୍ତୀୟ ପୋଷାକର ଷ୍ଟୋର ମଧ୍ୟ ଥିଲା । ଅନେକ ଲୋକ କିଣାକିଣି କରୁଥିଲେ । କିନ୍ତୁ ଜିନିଷର ଦାମ ବହୁତ ଅଧିକ ଥିଲା । କିନ୍ତୁ ତାହା ଏକ ସୁନ୍ଦର ମଲର ଭ୍ରମ ଦେଉଥିଲା । ମଝିରେ ମଝିରେ ଇନ୍‌ଡୋର ପ୍ଲାଣ୍ଟସ ଲଗା ହୋଇଥିଲା । ଏକ ପ୍ରକାର ଶୀତତାପ ନିୟନ୍ତ୍ରିତ ଓ କଣ୍ଟ୍ରୋଲଡ ପରିବେଶରେ ଗଛଗୁଡିକ ଖୁବ ସତେଜ, ସୁନ୍ଦର ଲାଗୁଥିଲେ । ଶେଷରେ ମୁଁ ଯାଇ ପହଞ୍ଚିଗଲି ବୋର୍ଡିଙ୍ଗ ଗେଟ ନମ୍ବର ୬୩ରେ। ମୋର ଫ୍ଲାଇଟ ଥିଲା ସକାଳ ୬.୪୫ ରେ । ମୁଁ ମୋର ଫୋନକୁ



ଚାର୍ଜରେ ଲଗେଇ ବୋର୍ଡିଙ୍ଗ ପାଇଁ ଅପେକ୍ଷା କଲି । ନିଦ ଲାଗୁଥିଲା । ଆଖି ବନ୍ଦ ହେଇ ଆସୁଥିଲା । ହେଲେ ଶୋଇବାକୁ ଡର ଲାଗୁଥିଲା । ଯଦି ଫ୍ଲାଇଟ ମିସ କରିଗଲି ......ତେବେ । ମୋ ପରି ଅନେକ ଲୋକ ଅପେକ୍ଷା କରିଥିଲେ ନିଜ ନିଜ ବିଭିନ୍ନ ଫ୍ଲାଇଟକୁ ।

ଗେଟ ପାଖରେ ଫ୍ଲାଇଟ କର୍ମଚାରୀଙ୍କ ପାଇଁ ଟେବୁଲ ଥିଲା । ଯେଉଁଠାରେ ପାସପୋର୍ଟ ଓ ବୋର୍ଡିଙ୍ଗ ପାସ ଚେକ ହେବାର ଥିଲା । ସମୟ ଗଡୁଥିଲା ହେଲେ ସେଠାକୁ କେହି ହେଲେ ଆସୁ ନ ଥିଲେ । ଏବେ ବି ବାହାରେ ବର୍ଷା ଲାଗି ରହିଥିଲା। ପ୍ରାୟ ୬ ଟା ବେଳକୁ ଦୁଇ ଜଣ ଫ୍ଲାଇଟ ଆଟେଣ୍ଡାଣ୍ଟ ଆସିଲେ । ମୁଁ ତାଙ୍କୁ ପଚାରିଲି ବୋଡିଙ୍ଗ ବିଷୟରେ । ହେଲେ ସେମାନେ କିଛି ହେଲେ ସଠିକ ଉତ୍ତର ଦେଉ ନ ଥିଲେ । ଅନେକ ଲୋକ ତାଙ୍କୁ ଘେରିକି ଛିଡା ହୋଇଥିଲେ । ମୁଁ କିଛି ବୁଝି ପାରୁ ନ ଥିଲି । ପ୍ରାୟ ଘଣ୍ଟାଏ ପରେ ଘୋଷଣା କରାଗଲା ଯେ କିଛି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବୋର୍ଡିଙ୍ଗ ଡେରି ହେବ । କେହି ଜଣେ କହୁଥିବାର ଶୁଣିଲି, ଫ୍ଲାଇଟ ଲ୍ୟାଣ୍ଡ କଲା ବେଳେ ଭୂଇଁରେ ମାଡ ହୋଇ ତାର ଆଗ ଚକା ଫାଟିଯାଇଛି । ହେଲେ କେତେ ଡେରି ହେବ । ସେ ବିଷୟରେ ସମସ୍ତେ ଚୁପ୍ । ସେଇ ଫ୍ଲାଇଟରେ ଯିବାକୁ ଥିବା ସମସ୍ତ ଯାତ୍ରୀଙ୍କ ମଧ୍ୟରେ ମୃଦୁଗୁଞ୍ଜରଣ ଆରମ୍ଭ ହୋଇଯାଇଥିଲା । ବ୍ୟସ୍ତବିବ୍ରତ ହେବାରେ ଲାଗିଥିଲେ ସମସ୍ତେ । କାରଣ କୁଏତରୁ



ଅନେକଙ୍କର କନେକ୍ଟିଙ୍ଗ ଫ୍ଲାଇଟ ଥିଲା । ମୁଁ ବି ଭାବୁଥିଲି ମୋର ପରବର୍ତ୍ତୀ ଫ୍ଲାଇଟ ମିସ ହେଇ ଯିବନାହିଁ ତ ! ମୋ ପାଖରେ ବସିଥିବା ଝିଅଟି ହଠାତ୍ ମୋତେ ହିନ୍ଦୀରେ ପଚାରିଲା , "ଆପଣ କୁଆଡେ ଯିବେ ?" ଏବେ ଯାଏଁ ମୁଁ ତାକୁ ଲକ୍ଷ୍ୟ କରି ନ ଥିଲି । ସୁନ୍ଦର ଝିଅଟିଏ । ବୟସ ପାଖାପାଖି ପଚିଶ/ତିରିଶ ବର୍ଷ ହେବ । ଫିକା ଆକାଶୀ ରଙ୍ଗର ସାଲୱାରସୁଟ ପିନ୍ଧିଛି । ମୁଁ ନ୍ୟୁୟର୍କ ଯାଉଛି ଶୁଣି ସିଏ ଖୁସି ହେଇଗଲା । ସିଏ ବି ନ୍ୟୁୟର୍କ ଯାଉଥିଲା କୌଣସି ବ୍ୟବସାୟିକ ମିଟିଂରେ ଯୋଗ ଦେବାକୁ । ସମୟ କାଟିବାକୁ ଆମେ ଦୁହେଁ ଗପସପ ଆରମ୍ଭ କରିଦେଲୁ । ଝିଅଟି କଥା ମଝିରେ କହିଲା, "ବୁଝିଲେ , ଫ୍ଲାଇଟର ଚକା ଫାଟି ଯାଇଛି ଶୁଣି ମୋତେ ଲାଗୁଛି ମୁଁ ଯେମିତି ଫ୍ଲାଇଟରେ ନୁହେଁ ସାଇକେଲ ରିକ୍ସାରେ ନ୍ୟୁୟର୍କ ଯାଉଛି ।" ତା କଥା ଶୁଣି ମୁଁ ଜୋରରେ ହସି ଉଠିଲି । ସିଏ ମଧ୍ୟ ହସିଲା।

ଏବେ ତ ଅପେକ୍ଷା କରିବା ବ୍ୟତୀତ ଆଉ କୌଣସି ଉପାୟ ନ ଥିଲା ।

୭.୩୦/ ୮.୦୦ ରେ ଘୋଷଣା କରାଗଲା ଯେ ଯେହେତୁ ଫ୍ଲାଇଟ ବିଳମ୍ବ ହେଉଛି ସେଥିପାଇଁ ସମସ୍ତ ଯାତ୍ରୀମାନଙ୍କୁ ବ୍ରେକଫାଷ୍ଟ କୁପନ ମିଳିବ । ସମସ୍ତେ ନିଜ ନିଜର ବୋର୍ଡିଙ୍ଗ ପାସ ଦେଖେଇ ଖାଇବା କୁପନ ନେଇଯିବେ । ହଠାତ ମୋତେ ଅନୁଭବ ହୋଇଥିଲା ଯେ ମୋତେ ଭୀଷଣ ଭୋକ । ମୁଁ ପୂର୍ବଦିନ ଘରୁ ବାହାରିବା ବେଳେ ଯାହା କିଛି ଖାଇଥିଲି । ଏବେ ଯାଏଁ ପେଟରେ ଦାନାଟିଏ ପଡିନାହିଁ । ଆଉ ଆଶ୍ଚର୍ଯ୍ୟ କଥା ଖାଇବା କଥା ମୋର ମନେ ମଧ୍ୟ ପଡିନାହିଁ । ସେଇ ଝିଅ ସହିତ ଯାଇ ମୁଁ ବି କୁପନ ଆଣିଲି । ହେଲେ ଖାଇବି କଣ ? ସେସବୁ ଯାହା ସେଠି ମିଳୁଥିଲା ଅନେକାଂଶ ଥିଲା ମୋ ପାଇଁ ଅଜଣା । ମୁଁ ଅନେଇ ଥିଲି ସେଇ ଝିଅ କଣ ନେଉଛି । ସିଏ ଯାହା ନେଲା ମୁଁ ବି କୁପନ ଦେଇ ସେଇ ସବୁ ନେଲି ।


ପେଟରେ କିଛି ଖାଦ୍ୟ ପଡିଲା ପରେ ଏବେ ଟିକେ ଭଲ ଲାଗୁଥିଲା । ମନରେ ଯାହା ବି ଆଶା ଆଶଙ୍କା ଥିଲା ତାହା ବି ଏବେ ଟିକେ କମ ହୋଇଗଲା ପରି ଲାଗୁଥିଲା । କାରଣ ମୁଁ ଜାଣି ସାରିଥିଲି ଏମିତି ଅସୁବିଧାରେ ମୁଁ ଏକା ନୁହେଁ ମୋ ପରି ଆହୁରି ଅନେକ ଏଠାରେ ଫଶିକି ଅଛନ୍ତି । ମଣିଷର ମନ ବଡ ଅଦ୍ଭୁତ । ସିଏ ନିଜେ ସଙ୍କଟରେ ଥିବା ତା ପାଇଁ ଅସହନୀୟ ହେଲେ ତା ସହିତ ଯଦି ଆଉ କେହି ସଙ୍କଟରେ ଅଛି ତେବେ ତାହା ଏକ ମାନସିକ ଆଶ୍ୱସ୍ତିର କାରଣ ହୋଇଯାଏ । ଏକ ବିଚିତ୍ର ମାନସିକତା ହୋଇଥିଲେ ମଧ୍ୟ ଏବେ ମୁଁ ସେମିତି ଏକ ମାନସିକ ଆଶ୍ୱସ୍ତି ମଧ୍ୟରେ ଥିଲି । (ଆରଥରକୁ)




♥ ମଧୁସୂଦନ ନଗର ପୋଷ୍ଟ ଅଫିସ, ଭୁବନେଶ୍ୱର- ୭୫୧୦୨୨
(ମୋ) ୮୨୪୯୪୩୭୨୭୬

# ପଢ଼ିବା ପରେ...

## କୁହୁକ ସ୍ୱର୍ଶ ...




ବେଳେବେଳେ ଭୁଷୁଡ଼ି ପଡ଼ି ଜୀବନ ନେଇଯାଏ। ମୁହୂର୍ତ୍ତକ ମଧ୍ୟରେ ସବୁ ଶେଷ ହୋଇଯାଏ। ସେମିତି ବେଳେବେଳେ ଜୀବନକୁ ସରସ ସୁନ୍ଦର କରୁଥିବା ସମ୍ପର୍କର ଭାରିପଣରେ ଆକ୍ରାମାକ୍ରା ହୋଇ ଉଠେ ଜୀବନ। ସେବେବେଳେ କାବ୍ୟ ନାୟକ ସମ୍ପର୍କର ଛାଇକୁ ବି ଅବିଶ୍ୱାସ କରନ୍ତି।

ପୁଣିଥରେ ସେଇ ବରଗଛ ମୂଳକୁ ଯିବା ପାଇଁ ଇଚ୍ଛାନାହିଁ ମୋ'ର / ଯା'ର ଛାଇରେ ଦିନେ ତୋଳିଥିଲି ବିଶ୍ୱାସର ବିଶାଳ ସ୍ଥାପତ୍ୟ।

( ସମ୍ପର୍କର ଭାରିପଣ, ପୃ : ୩୧ )



ମନ ଯେଉଁଠି ଖସିଥାଏ, ହସିଥାଏ, ରସିଥାଏ, ସେଇଠି ପୁଣି ରୁଷି ଯାଏ। ମନର ଏଇ ଗୁଢ଼ ରହସ୍ୟକୁ ଭେଦ କରିବା ଏତେ ସହଜ ନୁହେଁ।

ତାଙ୍କର ପ୍ରକାଶଭଙ୍ଗୀ ବେଶ୍ ସହଜ ଓ ସାବଲୀଳ। କବିତା ସବୁ ସ୍ୱପ୍ନିଳ, ପ୍ରେମମୟ। ଶିବଙ୍କ ପରି ନିରାସକ୍ତ ସେ ଆଉ ସୁନ୍ଦର ବି। ସେ ଶିବସୁନ୍ଦର ପାଣିଗ୍ରାହୀ। ଯୁବପିଢ଼ିର ପ୍ରତିଶ୍ରୁତିବଦ୍ଧ କାବ୍ୟସ୍ୱର। ଓଡ଼ିଶାର ଅଧିକାଂଶ ପତ୍ରିପତ୍ରିକାରେ ନିୟମିତ ଆସେ ତାଙ୍କ ଛୋଟ ଛୋଟ ଗପ ଆଉ କବିତା।

କେବେ କେବେ ପ୍ରେମରେ ବିଭୋର ତାଙ୍କର କାବ୍ୟ ନାୟକ। ଦେଖନ୍ତୁ ଗୋଟିଏ ଚମତ୍କାର ରୂପକଳ୍ପ..

ହେମନ୍ତ ପାହାନ୍ତିରେ ଥରୁଥିବା ଶିମ୍ବ ପତ୍ରରେ / ବୁନ୍ଦାଏ କାକର ଝୁଲି ଗଲା ଭଳି, ଚପଳ ପ୍ରେମିକା ଓଠରେ, ଓହଳି ପଡ଼େ ଗାଢ଼ ଚୁମ୍ବନର ମେଞ୍ଚାଏ ଉଷ୍ମତା

( ପ୍ରେମନୁଭୂତି, ପୃ : ୮୧ )

ସ୍ୱପ୍ନର ପ୍ରତିଶ୍ରୁତି ଭିତରେ ଠାଏ ଠାଏ ସ୍ୱପ୍ନଭଙ୍ଗର ବିଡମ୍ବନା ତାଙ୍କ କବିତାକୁ କରିଛି ବିଷାଦମୟ।

ସକାଳ ପଖାଳ ପାଇଁ / ଧିମା ଆଞ୍ଚରେ ଶୁଖୁଆ ପୋଡ଼ିବା ବେଳେ / ହାତରୁ ଖସି ଯାଉଥାଏ / ସ୍ୱଅର୍ଜିତ ଦାଦନପଣିଆର / ଓଲିଏ ସୁଖର ପୂର୍ଣ୍ଣତା..

( ଅବାଂଛିତ ପ୍ରହାର, ପୃ : ୨୬ )

ଖରା, ବର୍ଷା, ଶୀତ, କାକରରୁ ଆମକୁ ବଞ୍ଚେଇ ରଖିଥିବା ଘର, କାନ୍ଥ ତୋତେ / ଯେତେବେଳେ ବି ଆବିଷ୍କାର କରେ / ସାମନ୍ତରିକ କ୍ଷେତ୍ରର ଅପର ବାହୁରେ / ଠିକ୍ ସମାନ୍ତରାଳ ଗତିରେ ! !/ ତୋତେ ବାନ୍ଧି ରଖିବାର ଅହଂକାର / ସବୁବେଳେ ବୃଥା ଯାଏ।

( ମନର ପରିମିତି, ପୃ : ୩୪ )

ଜୀବନକୁ ନେଇ, ସ୍ୱପ୍ନକୁ ନେଇ କବି ଖୁବ୍ ଆଶାବାଦୀ। ଜୀବନର ସୀମିତତା ଭିତରେ ବି ବିଭୋର ହେବାର କଳା ତାଙ୍କୁ ଜଣା।

ପ୍ରଗଳ୍ଭ ହୋଇ ମୁଁ ଓହ୍ଲାଉଥାଏ ନଈ ଭିତରକୁ/ ଏକ ଅପୂର୍ବ ଉଲ୍ଲାସରେ ଟଳମଳ / ମୁଁ ହୁଏ ତ ବୁଡ଼ି ଯାଇପାରେ !/ ନିରୁତା ସାଥି ଟିଏ ପରି / ମୁଁ କିନ୍ତୁ ତା ସହ ଭାସି ଯିବାକୁ ଚାହେଁ / ନୀଳ ନିବିଡ଼ତା ଆଡ଼କୁ / ନାଚି ନାଚି ତା ' ସୁଅରେ ଚିରଦିନ ଆୟୁକାଳ।

( କାଗଜ ଡ଼ଙ୍ଗା, ପୃ : ୯୦ )

ସଂକଳନର ଅନ୍ୟତମ ସାର୍ଥକ କବିତା କୁହୁକ ସ୍ୱର୍ଶ।

ତୁମେ ଚାହିଁଲେ / ମୁଠାଏ ସୂର୍ଯ୍ୟାଲୋକ ସାଉଁଟି / ହାସଲ କରିପାରେ ସମସ୍ତ ଅବ୍ୟକ୍ତ ଅଭିପ୍ରାୟ / ଚେତନାର ଉପତ୍ୟକାରେ ନଦୀ ପରି ବୁହାଇ / ବାଣ୍ଟି ଦେଇପାରେ ମନର ଯେତେ ଉତ୍ସାହ।

( କୁହୁକ ସ୍ୱର୍ଶ, ପୃ : ୮୭ )

କବି କେବଳ ମନର ସୂକ୍ଷ୍ମ ଆବେଗ ସହ ସମ୍ପର୍କ ସ୍ଥାପନ କରିବା ଜାଣନ୍ତି ନାହିଁ, ଜୀବନ ସହ ନିଜର ଅନ୍ତରଙ୍ଗତା ପ୍ରମାଣ କରି ନାହାନ୍ତି, ପ୍ରକୃତିକୁ ବି ପ୍ରାଣ ଦେଇ ଭଲ ପାଆନ୍ତି।

ତା ' ମହକରେ / ମୋ ସମଗ୍ର ସତ୍ତାରେ ପ୍ରକମ୍ପିତ ହୁଏ / ଶଙ୍ଖଧ୍ୱନି, ବେଦମନ୍ତ୍ରର ଉଚ୍ଚାରଣ / ଗଜୁରି ଉଠେ ବିଶ୍ୱାସ

( ବୃକ୍ଷଟିଏ ଅଛି ବୋଲି, ପୃ : ୬୮ )

କୋଉ ଅନୂଢ଼ା କିଶୋରୀର ପ୍ରେମ, ଆବେଗ ତରୁଣ ପ୍ରାଣକୁ ଚହଲେଇ ଦେବା ଏକ ସାଧାରଣ କଥା। ଦେଶପ୍ରେମରେ ତରୁଣଟିଏ ଉଦବୁଦ୍ଧ ହେବା ବିରଳ କଥା ନିଶ୍ଚୟ ଯାହା ପ୍ରମାଣ କରେ ଶିବ ସୁନ୍ଦରଙ୍କ କବିତା।

ସ୍ୱାଭିମାନର ପତାକାକୁ ଧରି / ତା ' ଅଭିଳାଷର ଉଦାରପଣରେ / ଗୋଟିଏ ବିବର୍ତ୍ତିତ ଆସନ୍ତାକାଲିର ସମ୍ପର୍କ ନେଇ / ଦେଶ ମୋର ପାଦ ବଢ଼ାଏ / ବିଶ୍ୱଗୁରୁର ଗୌରବ ଆଡ଼କୁ।

( ମୋ ଦେଶ, ପୃ : ୪୪ )

ସ୍ୱର୍ଶ ମାନେ ହିଁ କୁହୁକ, ଉଦବେଳନ ଆଉ ଶିହରଣ। କୁହୁକ ସ୍ୱର୍ଶରେ ସଞ୍ଚରି ଉଠେ ଜୀବନ। ପୁରୀର ଅଭିମାନ ପ୍ରକାଶନ ଦ୍ୱାରା ପ୍ରକାଶିତ କୁହୁକ ସ୍ୱର୍ଶ କବିତା ସଂକଳନରେ ରହିଛି ଏମିତି ସବୁ କବିତା। ଅଠଚାଳିଶଟି କବିତାରେ ସମୃଦ୍ଧ ଶିବସୁନ୍ଦର ପାଣିଗ୍ରାହୀଙ୍କ ପ୍ରଥମ କବିତା ସଂକଳନ ପାଠକଙ୍କୁ ଛୁଁ ଏତିକି କାମନା।



ସମୀକ୍ଷା :
ବିପ୍ଳବ
ମକୁନ୍ଦପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬


# ବ୍ରହ୍ମାଣ୍ଡ

## ପୂଜା ପତ୍ରିକା ସମୀକ୍ଷା

### ପ୍ରତିବେଶୀ

ସମ୍ପାଦକ : ପୀତାମ୍ବର ବାରିକ

ଠିକଣା : ଉତ୍କଳ ଶିକ୍ଷା ସଂସଦ, ୩୮ ଜେ/୨୨, ମହାରାଜା ଠାକୁର ରୋଡ, ଧାକୁରିଆ, କୋଲକାତା-୭୦୦୦୩୧
ମୂଲ୍ୟ : ୨୦୦/-




"ଭାରତରେ ପ୍ରଥମ ଭାଷାଭିତ୍ତିକ ସୃଷ୍ଟି ହୋଇଥିବା ଆମ ରାଜ୍ୟ କେତେ ସଂଘର୍ଷ କରି ଠିଆ ହୋଇଛି, ଆମ ଭାଷାରେ ଶାସ୍ତ୍ରୀୟ ମାନ୍ୟତା ପାଇଛି ଏବଂ ଏହାର ବଳିଷ୍ଠ ବିଭବ ଶିକ୍ଷାବିତ୍ ମାନଙ୍କୁ ଚମତ୍କୃତ କରିଛି । ଅତିବଡି ଜଗନ୍ନାଥ ଦାସଙ୍କ ଭାଗବତ ଠାରୁ ଆରମ୍ଭ କରି ଟୀକା ଗୋବିନ୍ଦଚନ୍ଦ୍ର, ମନବୋଧ ଚଉତିଶା, ଭବିଷ୍ୟ ମାଳିକା ଯାଏ କେତେ ଚମତ୍କାର ବିଭବ ଆମ ଭାଷାରେ ଅଛି । ଆମ ସଂସ୍କୃତି ଆଲଙ୍ଗି ନିଏ ସମଗ୍ର ବିଶ୍ୱକୁ । ମହାପ୍ରଭୁଙ୍କ ସଂସ୍କୃତି ଆମ ଓଡିଆ ସଂସ୍କୃତି । ଯେଉଁଠି ବାଛବିଚାର କିଛି ବି ନଥାଏ । କପିଳେନ୍ଦ୍ର ଦେବ ଯୋଉ ଦମ୍ଭ ଓ ଅସ୍ମିତା ଦେଇଥିଲେ ଆମ୍ଭ ଚେତନାରେ, ଆମ ଭାଷାକୁ ବଂଚେଇ ରଖିବ ପାଇଁ ଯେଉଁମାନେ ସଂଗ୍ରାମ କରିଥିଲେ, ସେମାନେ ଆମ ପାଇଁ ପ୍ରାତଃ ସ୍ମରଣୀୟ ।"

'ପ୍ରତିବେଶୀ'ର ସମ୍ପାଦକୀୟ ସ୍ତମ୍ଭରେ ଏହି ସୁନ୍ଦର ଭାବଗର୍ଭକ ବକ୍ତବ୍ୟ ରଖିଛନ୍ତି ସମ୍ପାଦକ ଶ୍ରୀଯୁକ୍ତ ପୀତାମ୍ବର ବାରିକ ମହୋଦୟ।

ପଶ୍ଚିମବଙ୍ଗର କଲିକତା ମହାନଗରୀରୁ ଉତ୍କଳ ଶିକ୍ଷା ସଂସଦ ଦ୍ୱାରା ୪୨ ବର୍ଷ ଧରି ପ୍ରକାଶ ପାଇଆସୁଥିବା ସୃଜନଶୀଳତାର ପୃଥକ୍ ହସ୍ତାକ୍ଷର - ପ୍ରତିଷ୍ଠିତ ଓ ସମ୍ଭ୍ରାନ୍ତ ଓଡ଼ିଆ ପତ୍ରିକା 'ପ୍ରତିବେଶୀ' ୪୫୨ ପୃଷ୍ଠା ସମ୍ବଳିତ ଚଳିତ ପୂଜାସଂଖ୍ୟାଟି ବେଶ୍ ସୁଦୃଶ୍ୟ । ପୀତାମ୍ବର ବାରିକଙ୍କ ବଳିଷ୍ଠ ସଂପାଦନା ଏବଂ ଅତୁଲ ବଳଙ୍କ ସୃଜନଶୀଳ ଓ ଅର୍ଥବହ ପ୍ରଚ୍ଛଦ ସହିତ ଏଥିରେ ପ୍ରବନ୍ଧ ବିଭାଗରେ ଅଛନ୍ତି ଅସିତ ମହାନ୍ତି, ନିଖିଳାନନ୍ଦ ପାଣିଗ୍ରାହୀ, ପ୍ରଫେସର ଉଦୟନାଥ ସାହୁ, ଶକୁନ୍ତଳା ବଳୀୟାରସିଂହ, ବାବାଜୀ ଚରଣ ପଟ୍ଟନାୟକ, ପ୍ରଫେସର ଆଦିକନ୍ଦ ସାହୁ, ଭାଗ୍ୟଲିପି ମଲ୍ଲ, ଆଲୋକ ବରାଳ, ଦିଲ୍ଲୀପ କୁମାର ସ୍ୱାଇଁ, ପ୍ରକାଶ କୁମାର ପରିଡା, ଶୈଳଜ ରବି, ନଟବର ଶତପଥୀ, ଗୁରୁକଲ୍ୟାଣ ମହାପାତ୍ର, କଇଳାଶ ପଟ୍ଟନାୟକ ଓ ଶରତ କୁମାର ଜେନା ।

ସୃଜନ ଆଳାପରେ ଗୌରହରି ଦାସଙ୍କ ସହ ସାକ୍ଷାତକାର ପ୍ରକାଶ ପାଇଥିବା ବେଳେ ଗଳ୍ପରେ ରାମଚନ୍ଦ୍ର ବେହେରା, ନାରୁ ମହାନ୍ତି, ଦାଶ ବେନହୁର, ନୃସିଂହ ତ୍ରିପାଠୀ, ଅଧ୍ୟାପକ ବିଶ୍ୱରଂଜନ, ରଜନୀକାନ୍ତ ମହାନ୍ତି, ରବି ସ୍ୱାଇଁ, କୃପାସାଗର ସାହୁ, ଭୀମ ପୃଷ୍ଟି, ମନୋଜ କୁମାର ମହାପାତ୍ର, ବିଷ୍ଣୁ ସାହୁ, ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, ଅରବିନ୍ଦ ରାୟ, ହରପ୍ରସାଦ ଷଡଙ୍ଗୀ, ଶ୍ରୀପ୍ରସାଦ ମହାନ୍ତି, ରଶ୍ମୀ ରାଉଳ, ଜୟନ୍ତୀ ରଥ, ଶ୍ରଦ୍ଧାଞ୍ଜଳି କାନୁନ୍‌ଗୋ, ବିଜୟଲକ୍ଷ୍ମୀ ବଳୀୟାରସିଂହ, ମୋନାଲିସା ଜେନା, ସୁପ୍ରିୟା ପାଲ, ସୁନନ୍ଦା ପ୍ରଧାନ, ତନ୍ମୟୀ ପଣ୍ଡା, ଶୈବାଳିନୀ ସାହୁ, ମିନାକ୍ଷୀ ପାଢୀ, ସୁଜାତା ମହାପାତ୍ର, ଅମରେଶ ବିଶ୍ୱାଳ, ଚିତ୍ତରଂଜନ ଚିରଞ୍ଜିତ, ବିରଜା ରାଉତରାୟ, ରଂଜନ ପ୍ରଧାନ, ଅମିୟ ବେଜ୍, ଡିଲେଶ୍ୱର ରଣା, ବିନୋଦ, ଶ୍ରୀନିବାସ ସେଠୀ, ଅନୀଲ କୁମାର ପାଢୀ, କାଶୀନାଥ ନନ୍ଦୀ, ନିବାରଣ ଜେନା, ରଂଜନ କୁମାର ଦାସ, ସୁରେଶ ଛୋଟରାୟ, ଉମାକାନ୍ତ ରାଉତ (ଅରୂପ), କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଗଙ୍ଗାଧର ବିଶ୍ୱାଳ, ଅଶୋକ କୁମାର ମିଶ୍ର ପ୍ରମୁଖ ଗଳ୍ପ ଲେଖିଥିବା ବେଳେ କବିତାରେ ହରପ୍ରସାଦ ଦାସ, ଫନୀ ମହାନ୍ତି, ବଂଶୀଧର ଷଡଙ୍ଗୀ, ବେଦଦାସ ଛୋଟରାୟ, ହୃଷିକେଶ ମଲ୍ଲିକ, ଆଶୁତୋଷ ପରିଡା, ଗିରିଜାକୁମାର ବଳୀୟାରସିଂହ, ଅମରେଶ ପଟ୍ଟନାୟକ, ଶତୃଘ୍ନ ପାଣ୍ଡବ, ସଂଗ୍ରାମ ଜେନା, ବିଜୟ ମହାପାତ୍ର, ସେନାପତି ପ୍ରଦ୍ୟୁମ୍ନ କେଶରୀ, ପୀତାମ୍ବର ତରାଇ, ଅଜୟ ସ୍ୱାଇଁ, କ୍ଷୀରୋଦ ପରିଡା, ନିରାକାର ଦାସ, ସମରେନ୍ଦ୍ର ମହାପାତ୍ର, ପ୍ରତିଭା ଶତପଥୀ, ପ୍ରବାସିନୀ ମହାକୁଡ଼, ଗାୟତ୍ରୀବାଳା ପଣ୍ଡା, ଉଭଶ୍ରୀ ଲେଙ୍କା, ସ୍ୱୟଂପ୍ରଭା ରଥ, ପ୍ରତୀକ୍ଷା ଜେନା, ମୁକୁଳ ମିଶ୍ର, ସ୍ୱପ୍ନା ମିଶ୍ର, ଆଦ୍ୟାଶା ଦାସ, ପାରମିତା ଷଡଙ୍ଗୀ, ପ୍ରୀତିଧାରା ସାମଲ, ଇପ୍ସିତା ଷଡଙ୍ଗୀ, ବୀଣାପାଣି ଦେବତା, ତନ୍ମୟୀ ରଥ, ସୁଜାତା ଗିରି, ମନୁଆ ଦାସ, ରକ୍ଷକ ନାୟକ, କେଦାର ମିଶ୍ର, କୃଷ୍ଣ କୁମାର ମହାନ୍ତି, ଅମୀୟ ରଂଜନ ମହାପାତ୍ର, ଭାରତ ମାଝୀ, ଜ୍ଞାନୀ ଦେବାଶୀଷ, ଚିତ୍ତରଂଜନ ନାୟକ, ସୂର୍ଯ୍ୟସ୍ନାତ ତ୍ରିପାଠୀ, ଅମରେନ୍ଦ୍ର ମାଧବ ଦାସ, ପବିତ୍ର ବ୍ରହ୍ମପୁତ୍ର ନାୟକ, ମନୋଜ ମେହେର ପ୍ରମୁଖଙ୍କ ବେଶ ଉପାଦେୟ ଲେଖା ପ୍ରକାଶ ପାଇଛି ।

ଫିଚର ବିଭାଗରେ ଶ୍ରୀଦେବ, ଦୁର୍ଗା ପ୍ରସାଦ ପଣ୍ଡା, କିଶୋର ପାଣିଗ୍ରାହୀ, ଶକ୍ତି ମହାନ୍ତି ଓ ସରୋଜ ବଳଙ୍କ ଉପରେ ଚିତ୍ତରଂଜନ ନାୟକଙ୍କ ଉପସ୍ଥାପିତ ଆଲେଖ୍ୟ ବେଶ୍ ଆକର୍ଷଣୀୟ । ଏଥିରେ ବହୁ ବରିଷ୍ଠ ଓ ତରୁଣ ଲେଖକ-ଲେଖିକାଙ୍କର ଅନୁବାଦ ଓ ପ୍ରତିବେଶୀ ସାହିତ୍ୟ, ଶ୍ରଦ୍ଧାଞ୍ଜଳି, ରମ୍ୟ, ବ୍ୟଙ୍ଗ, ପୁସ୍ତକ ସମୀକ୍ଷା ଆଦିକୁ ନେଇ ସାହିତ୍ୟ କ୍ଷେତ୍ରରେ ଏହି ସଂଖ୍ୟାଟି ଏକ ଲଳିତ ଉଚ୍ଚାରଣ ହୋଇପାରିଛି। ପାଠକ-ପାଠିକାଙ୍କ ପାଇଁ ନିଶ୍ଚିତ ଏହା ଏକ ସଂଗ୍ରହଣୀୟ ସଂଖ୍ୟା।

♥ ସମୀକ୍ଷା :
ଧ୍ୱନି ପ୍ରତିଧ୍ୱନି ବ୍ୟୁରୋ

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

ଦୃଷ୍ଟିକୋଣ | ଭାଗ-୧

# ଭିଡ଼ରେ ହଜିଲେ ସ୍ମୃତିରେ ଭିଜିଲେ ଅସ୍ତିତ୍ୱ ହୁଏ ଅର୍ଥମୟ ଓ ଜୀବନ ହୁଏ ସୁରଭିତ



♥ କାଳୀପଦ ପଣ୍ଡା

ଭାରତରତ୍ନ ମହାନ ଜନନାୟକ ତଥା କବି ଅଟଳ ବିହାରୀ ବାଜପେୟୀଙ୍କର ଜନ୍ମ ଶତବାର୍ଷିକୀ ଗତ ଡ଼ିସେମ୍ବର ୨୫ ତାରିଖରେ ସମଗ୍ର ଦେଶରେ ପାଳିତ ହୋଇଥିଲାବେଳେ ତାଙ୍କର ଏକ କାଳଜୟୀ କବିତା ଚର୍ଚ୍ଚାର ପରିସରକୁ ତାଙ୍କ ଜୀବନଦର୍ଶନର ଅଧିକ ତର୍ଜମା କରିବା ପାଇଁ କ୍ଷେତ୍ର ପ୍ରସ୍ତୁତ କରିଥିଲା। କବିତାଟି ଥିଲା ଏହିପରି -

"ପ୍ରଭୁ ହେ,
ମୋତେ କେବେହେଲେ ଏତେ
ଉଚ୍ଚତାରେ ଥାପି ଦିଅନି
କି ମୁଁ କାହାରିକୁ ଆଲିଙ୍ଗନ କରିପାରିବିନି
ଗଳାରେ ଲଗେଇ ପାରିବିନି,
ମୋତେ ଏପରି ଶୂନ୍ୟତା
କେବେହେଲେ ଦିଅନି।"

ଏଥିରୁ ଆମକୁ ଶିକ୍ଷାମିଳେ ଯେ, ଯେତେ ଉଚ୍ଚକୁ ଉଠିବାର ସ୍ୱପ୍ନ ଦେଖି ସଂଗ୍ରାମ ଜାରି ରଖିଲେ ବି ସବୁବେଳେ ତଳରେ ଥିବା ବ୍ୟକ୍ତି ଠୁ ସମାଜ ପର୍ଯ୍ୟନ୍ତ ସମସ୍ତଙ୍କ ଭିତରେ ଯେଭଳି ଯୋଡ଼ିହୋଇ ଜୀବନକୁ ଅର୍ଥବୋଧକ କରିହେବ ସେହି ଦିଗଟି ପ୍ରତି କେବେ ଭୁଲିଯିବା ଉଚିତ ନୁହେଁ। ଜୀବନ ଶୂନ୍ୟତା ନୁହେଁ ବରଂ କୋଳାହଳ ପୂର୍ଣ୍ଣ। ଭିଡ଼ରେ ହଜିଲେ ମଜିଲେ ଜୀବନ ହୁଏ ଆନନ୍ଦପ୍ରଦ, ପ୍ରୀତିପ୍ରଦ ଓ ଅର୍ଥବୋଧକ। ଭିଡ଼ ଭିତରେ ହିଁ ଯେଉଁମାନେ ଜୀବନକୁ ଯୋଡ଼ି ରଖି ଚାଲନ୍ତି ସେମାନେ ହିଁ ସମାଜ ଦର୍ପଣରେ ବାରମ୍ବାର ପ୍ରତିବିମ୍ବିତ ହୁଅନ୍ତି।

ଆସିବା ତ ଏକା ଏକା ପୁଣି ଯିବା ବି ଏକା ଏକା ହୋଇଥାଏ। ମାତ୍ର ଯିବା ପରେ ଅସଂଖ୍ୟ ଜନତା ଯେବେ ସେହି ବ୍ୟକ୍ତିସତ୍ତାକୁ ଝୁରି ହୁଅନ୍ତି, ସେତିକିବେଳେ ଅସ୍ତିତ୍ୱ ଅର୍ଥମୟ ହୋଇଯାଏ। କୋଳାହଳମୟ ଜୀବନରେ ଥାଏ ସରସତା ଓ ଆନନ୍ଦର ଉତ୍ସ। ସେଇଥିପାଇଁ ତ ଆମ ଭାରତବର୍ଷରେ କେଉଁ ସହସ୍ର ସହସ୍ର ବର୍ଷ ପୂର୍ବରୁ ପ୍ରଥମେ ସଂଯୁକ୍ତ ପରିବାରର ପରିକଳ୍ପନା ହୋଇ ଅଦ୍ୟାବଧି ତା'ର ସତ୍ତାକୁ ବଜାୟ ରଖିଛି। ଏହି ସଂଯୁକ୍ତ ପରିବାର ଭିତରର ସଦସ୍ୟ ସଦସ୍ୟାମାନଙ୍କ ଭିତରେ ଯେଉଁ ଅତୁଟ ପ୍ରେମବନ୍ଧନ ତାହା ବିଶ୍ୱର ଅନ୍ୟ କୌଣସି ପ୍ରାନ୍ତରରେ ପରିଦୃଷ୍ଟ ହୁଏନା। ସେହି ପରିବାରର ନାନା ଅଭାବ ଅନଟନ ଭିତରେ ବି ପରସ୍ପର ପ୍ରତି ଯେଉଁ ପ୍ରତିବଦ୍ଧତା ତାହା ପାରସ୍ପରିକ ବୁଝାମଣାକୁ ମଜବୁତ୍ କରାଇଥାଏ। ସେହିଠାରୁ ପୁଣି ଗ୍ରାମ୍ୟ ଜୀବନର ଏକତା ବଦ୍ଧତା ଏବଂ ରାଜ୍ୟ ଓ ଦେଶ ଅର୍ଥରେ ସମବେତ ଜୀବନଯାତ୍ରାର ଆନନ୍ଦମୟ ସ୍ଫୁରଣ। ଏହାହିଁ ଭାରତୀୟତାର ବିଶେଷତ୍ୱ। ଏକ ନୁହେଁ, ଅନେକଙ୍କ ଭିତରେ ଜୀବନ ଯୋଡ଼ିହେବା ହିଁ ଜୀବନର ସାର୍ଥକତାକୁ ପ୍ରତିପାଦିତ କରାଏ।

> ମୋର ସମୃଦ୍ଧିରେ ଯେଉଁ ଆନନ୍ଦ ଆସିନଥାଏ ଆମର ସମୃଦ୍ଧିରେ ତା'ର ଆନନ୍ଦ ଶତଗୁଣରେ ବଢ଼ିଯାଇଥାଏ। ମୁଁ ବଢ଼ିଲେ ହୁଏତ ମୋ ଘରଲୋକେ ଖୁସି ଅନୁଭବ କରନ୍ତି, ମାତ୍ର ଆମେ ସଭିଏଁ ବଢ଼ିଲେ ଜଗତର ସମୂହଜନ ଆନନ୍ଦ ଲାଭ କରନ୍ତି। ବଞ୍ଚିବାର ଅର୍ଥ ନୁହେଁ କେବଳ ପରିବାର ପରିଜନଙ୍କ ଭିତରେ ବଞ୍ଚିବା, ବଞ୍ଚିବାର ଅର୍ଥ ସେତିକିବେଳେ ମହତ୍ତର ହୋଇଯାଏ ଯେତେବେଳେ ଏକ ବିଶାଳ ସମାଜ ଜୀବନ ସହ ଯୋଡ଼ି ନିଜର ପଦଚିହ୍ନ ସୃଷ୍ଟି ହେଉଥାଏ।

ମୋର ସମୃଦ୍ଧିରେ ଯେଉଁ ଆନନ୍ଦ ଆସିନଥାଏ ଆମର ସମୃଦ୍ଧିରେ ତା'ର ଆନନ୍ଦ ଶତଗୁଣରେ ବଢ଼ିଯାଇଥାଏ। ମୁଁ ବଢ଼ିଲେ ହୁଏତ ମୋ ଘରଲୋକେ ଖୁସି ଅନୁଭବ କରନ୍ତି, ମାତ୍ର ଆମେ ସଭିଏଁ ବଢ଼ିଲେ ଜଗତର ସମୂହଜନ ଆନନ୍ଦ ଲାଭ କରନ୍ତି। ବଞ୍ଚିବାର ଅର୍ଥ ନୁହେଁ କେବଳ ପରିବାର ପରିଜନଙ୍କ ଭିତରେ ବଞ୍ଚିବା, ବଞ୍ଚିବାର ଅର୍ଥ ସେତିକିବେଳେ ମହତ୍ତର ହୋଇଯାଏ ଯେତେବେଳେ ଏକ ବିଶାଳ ସମାଜ ଜୀବନ ସହ ଯୋଡ଼ି ନିଜର ପଦଚିହ୍ନ ସୃଷ୍ଟି ହେଉଥାଏ। ପ୍ରତ୍ୟହ କୋଟି ଜନତାଙ୍କର ଧରାବତରଣ ଏବଂ ବିଦାୟର ମହୋତ୍ସବ ଲାଗିରହିଥିଲାବେଳେ ଯେଉଁମାନଙ୍କୁ ଗୋଟିଏ ସମାଜ ନିରନ୍ତର ପିଢ଼ି ପରେ ପିଢ଼ି ମନେପକାଇ ଚାଲିଥାନ୍ତି ସେମାନେ ବ୍ୟକ୍ତି ସମୃଦ୍ଧି ଠାରୁ ସମାଜ ସମୃଦ୍ଧିରେ ନିଜକୁ ସାଧମତେ ଯୋଡ଼ି ରଖିଥାନ୍ତି ବୋଲି।


ଯିଏ ଏହି ସଂସାର ରୂପକ ରଙ୍ଗମଞ୍ଚରେ ଏକ ଅସ୍ଥାୟୀ ଅଭିନେତାର ଭୂମିକାକୁ ଥରେ ହେଜି ଯାଏ, ସେ ନିଜକୁ ଏକ ଦିବ୍ୟଚେତନାର ଅଧିକାରୀ ହେବାପାଇଁ ସୁସଂଯତ ହୋଇ ନିଷ୍ଠା ଓ ସାଧୁତା ସହ ନିଜ ଜୀବନପଥକୁ ପ୍ରସାରିତ କରୁଥାଏ। ସେ ଅନୁଭବେ ମୁଁ ଚାଲିଗଲାପରେ ଜଗତର ଅଗଣନ ଜନଗଣଙ୍କ ମଧ୍ୟରେ ଯଦି ମୋର କର୍ମରୂପୀ କୀର୍ତ୍ତିକୁ ସ୍ମରଣ କରାଯାଏ ତାହାହେଲେ ଏ ଜଗତରେ ମୋର ଉପସ୍ଥିତି ବା ମୋର ଅସ୍ତିତ୍ୱର ସାରବତ୍ତା ଅନେକାଂଶରେ ହୁଏ ଅର୍ଥମୟ। ଏଣୁ ଅଟଳ ବିହାରୀ ବାଜପେୟୀଙ୍କର ଦୀର୍ଘ ଜୀବନକାଳର ଯେଉଁ ପ୍ରଜ୍ଞାଦୀପ୍ତ ଅଭିବ୍ୟକ୍ତି ତାଙ୍କ ଲେଖନୀମୁନରୁ ଏକଦା ଝରିଆସିଥିଲା ତାହା ସଭିଙ୍କ ପାଇଁ ଏକ ଚେତନାର ଦୀପାଳି କହିଲେ ଅତ୍ୟୁକ୍ତି ହେବନାହିଁ।

ମୁଁ ଆସିନାହିଁ ମୋ ପାଇଁ ବରଂ ମୋର ଆସିବା ଗୋଟିଏ ପରିବାର ସହ ଏହି ଜଗତଜନଙ୍କ କଲ୍ୟାଣାର୍ଥେ ଅଭିପ୍ରେତ। ମୋର ଉପସ୍ଥିତି ଗୋଟିଏ ପରିବାରରେ ସୀମିତ ନୁହେଁ ବରଂ କୋଳାହଳ ଭିତରେ କୋଳାଗ୍ରତର ମହାଭାବରେ ଜୀଇଁବାକୁ ଅଛି। ଯେତେ ଉଚ୍ଚକୁ ଉଠିଯାଉଥିଲେ ବି ଏମିତି ଏକ ସ୍ଥିତିକୁ ମୁଁ ନଯାଏ ଯେଉଁଠି ମୁଁ ଆଉ ତଳକୁ ଦେଖି ନପାରିବି। ତେଣୁ ଜୀବନଟା ଭିଡ଼ରେ ହଜୁଥିଲେ ତାହା ଦିନେ ହୁଏ ସୁରଭିତ ଏବଂ ଅବର୍ତ୍ତମାନରେ ବି ଅସ୍ତିତ୍ୱ ହୁଏ ଅର୍ଥମୟ ସ୍ମୃତି ହୁଏ ଚିର ଜାଜ୍ଜୁଲ୍ୟମାନ।

ସୂନାରୁଇ, ବି.କଟିସାହି, ସିଂଲା
ବାଲିଆପାଳ, ବାଲେଶ୍ୱର-୭୫୬୦୨୩
ମୋ: ୮୯୧୭୨୫୫୪୯୩

# ମୋ କବିତାର କଥା

ସିଦ୍ଧେଶ୍ୱର ପଣ୍ଡା






**କବିତା କେବଳ ଆନନ୍ଦର ଉଦ୍‌ବେଳିତ ଉର୍ମି ନୁହଁ କି ଉତ୍ତେଜନାର ସାମଗ୍ରୀ ମଧ୍ୟ ନୁହଁ, ବରଂ ବଞ୍ଚିରହିବାର ନିଃସର୍ତ୍ତ ନିର୍ଭୁଲ କାବ୍ୟିକ ପ୍ରତିଶ୍ରୁତିଟିଏ। ଜୀବନରେ ଯିଏ ବି ଆସୁଛି ହସି ହସି କୋଳେଇ ନେବାକୁ କବିତା ସୂଚନା ଦିଏ ଏବଂ ଯିଏ ବି ଯାଉଛି ହସିହସି ବିଦାୟ ଦେବାକୁ ଇସାରା ମଧ୍ୟ ଦିଏ। କବିତା ଶବ୍ଦ ଶିଳ୍ପର ମନୋମୁଗ୍ଧକାରୀ ଋରୁକଳା ବ୍ୟତୀତ ପ୍ରାଣରେ ପୁଲକ ସାର କରିପାରିବାର ଦିବ୍ୟ ଉତ୍ସଟିଏ।**

ଜୀବନ ହେଉଛି ଏକ କ୍ରମ ବିକାଶମାନ ଚେତନା। ଏହି ଚେତନାର ଉତ୍ତରଣ ଧାରାରେ କବିତା ହେଉଛି ସୃଷ୍ଟିର ଶ୍ରେଷ୍ଠ ଅଙ୍କୁରୋଦ୍‌ଗମ୍ । ଭୂମିରୁ ଭୂମାଯାଏ ବ୍ୟାପିଥାଏ ଅନ୍ତରର ସଂଗୋପନ ଅଭୀପ୍ସା ଓ କବି ପ୍ରାଣରେ ସଂବେଦନଶୀଳତାର ଅନୁରାଗରେ ସୃଜନର ଶିଳ୍ପାନଭୂତି ତୀବ୍ରତର ହୋଇଥାଏ। ଏଇଠି ଆରମ୍ଭ ହୋଇଯାଏ କବିତାର ଆତ୍ମା-ଯେପରି ପାହାଡ଼ ଭିତରୁ ଝରିଝରି ଆସେ ଝରଝର ଝରଣାଟିଏ ଆଉ ମାଟି ଭିତରୁ ଯେପରି ସବୁଜିମାପୂର୍ଣ୍ଣ ଉତ୍ତରଣ ଦେଖାଯାଏ ସେହିଭଳି ବିଭୋର ମୁହୂର୍ତ୍ତରେ କବିତା ଆପେ ଆପେ ଶବ୍ଦ ଓ ଭାବର ଅର୍ଘ୍ୟ ହୋଇ ଉତ୍ତୁରି ଆସିଥାଏ।

ଜୀବନର ସମସ୍ତ ଅନୁଭୂତି ଓ ଅଭିଜ୍ଞତା ସଫଳତା ଓ ବ୍ୟର୍ଥତା ସହସ୍ର ପ୍ରକ୍ରିୟାରେ ଉଦ୍‌ଭାସିତ ହୁଏ ସୃଜନର ପହିଲି ପୁଲିକ ହୋଇ। ଶବ୍ଦରେ ଶବ୍ଦରେ ଆପେ ଆପେ ଗୁନ୍ଥି ହୋଇଯାଏ ରାଗର ରୁଦ୍ରାକ୍ଷମାଳ, ଯେଉଁଥିପାଇଁ ବଞ୍ଚିରହିବାର ମନ୍ତ୍ର ଉଚ୍ଚାରିତ ହୁଏ ଓ ଦିବ୍ୟାନୁଭୂତିର ଚମତ୍କାର କଳା ଭିତର ଭିତରେ ଭିତରେ ହିଁ କବିତା ଗଜରୁଥାଏ। ଏହା ଏକ ବିଚିତ୍ର ଭାବକଳ୍ପର ଭୂମି। କେବଳ ମଣିଷ ନହେଁ ବରଂ ତା'ର ପ୍ରତିଟି ପ୍ରାକୃତିକ ପରିବେଶର ମମତ୍ୱମୟ ଗଭୀର ଅନ୍ୱେଷା ଓ ଆପଣେଇ ବାର ପ୍ରଗାଢ଼ ଅଭୀପ୍ସା ହିଁ ଚେରଉଥାଏ ଭାବ ଭୂମିରେ। କେତେବେଳେ ଘୋଘୋ କାରୁଣ୍ୟର କୋଳାହଳରେ ତ କେବେ ନୀରବ ନିସ୍ତବ୍ଧ ସମାଧିରେ ପୁଣି କେବେ ଜୀବନ ମୃତ୍ୟୁର ଗୋଡ଼ାଗୋଡ଼ି ଖେଳରେ ଜୀବନର ଗୀତ ଅତ୍ୟନ୍ତ ଭାବେ ସରଳ ନହୋଇ ଜଟିଳ ହୋଇଥାଏ। ସ୍ୱପ୍ନ ବାସ୍ତବତା ତଥା ବିଭିନ୍ନ ପ୍ରକାର ବିରୋଧାଭାସରେ ନିତ୍ୟ ନୂତନର ଚିନ୍ମୟ ଦିବ୍ୟ ସତ୍ତାର ସ୍ୱର ହିଁ କବିତାର ନବକଳେବର ହୋଇଥାଏ।

କବିତା କେବଳ ଆନନ୍ଦର ଉଦ୍‌ବେଳିତ ଉର୍ମି ନୁହଁ କି ଉତ୍ତେଜନାର ସାମଗ୍ରୀ ମଧ୍ୟ ନୁହଁ, ବରଂ ବଞ୍ଚିରହିବାର ନିଃସର୍ତ୍ତ ନିର୍ଭୁଲ କାବ୍ୟିକ ପ୍ରତିଶ୍ରୁତିଟିଏ। ଜୀବନରେ ଯିଏ ବି ଆସୁଛି ହସି ହସି କୋଳେଇ ନେବାକୁ କବିତା ସୂଚନା ଦିଏ ଏବଂ ଯିଏ ବି ଯାଉଛି ହସିହସି ବିଦାୟ ଦେବାକୁ ଇସାରା ମଧ୍ୟ ଦିଏ। କବିତା ଶବ୍ଦ ଶିଳ୍ପର ମନୋମୁଗ୍ଧକାରୀ ଋରୁକଳା ବ୍ୟତୀତ ପ୍ରାଣରେ ପୁଲକ ସାର କରିପାରିବାର ଦିବ୍ୟ ଉତ୍ସଟିଏ।

ସଂସାରରେ ଫୁଲ-ଶିଶୁ ଓ କବିତାକୁ ସମସ୍ତେ ଆଦର କରନ୍ତି। ନାରୀକୁ ମଧ୍ୟ ସଭିଏଁ ଭଲ ପାଆନ୍ତି ମାତ୍ର ନାରୀଠୁ ଖୁବ୍ ସୁନ୍ଦରୀ କାବ୍ୟସୁନ୍ଦରୀ କବିତାକୁ ସମଗ୍ର ଜଗତ ପ୍ରେମର ଅନୁରାଗରେ ଚିରକାଳ ହିଁ ଭଲ ପାଉଥାଏ। ଭାବର ଐଶ୍ୱର୍ଯ୍ୟ ମଧ୍ୟରେ ଜୀବନର ଚିତ୍ରିତ ଚେତନାର ସ୍ୱର ନିହିତ ଥାଏ ଆଉ ଭାବଗତ ରୂପଗତ ଉଭୟ ଅନ୍ତଃସ୍ୱରର ଧ୍ୱନି ପ୍ରତିଧ୍ୱନିଟି ଜୀବନ ଜିଜ୍ଞାସାର ରହସ୍ୟକୁ ଉନ୍ମୋଚନ କରୁଥାଏ। ଖାଲି କେବଳ ପ୍ରେମ ନୁହଁ ବରଂ ପ୍ରେମର ଅନୁପସ୍ଥିତ ଭିତରେ ବି ବିଦ୍ରୋହର ବହ୍ନି ଦେଖାଯାଏ ଓ କେବେ ଅନାଲୋକିତ ଅନ୍ଧକାର ଭିତରୁ ଅନାଲୋଚିତ ଜୀବନର କାବ୍ୟ ଦୃଶ୍ୟବୋଧ ହେଉଥାଏ। ଏବେ ହଜିଯାଉଛି ପରମ୍ପରାର ଯେତେ ମୂଲ୍ୟବୋଧ । ବଦଳିଯାଉଛି ଭୌତିକ, ସାମାଜିକ, ସାଂସ୍କୃତିକ ବିଶ୍ୱାସ। ଜଗତୀକରଣ ଭିତରେ ଜୀବନ ଯନ୍ତ୍ରଣାର ଜଳଛବି ସ୍ପଷ୍ଟ ବାରି ହେବାବେଳେ କବିଟିଏ ସବର୍ହରା ସ୍ୱପ୍ନହରା ମଣିଷଟିଏ ପାଇଁ ଆଶା ଆଶ୍ୱାସନାର ଜୀବନ ସୂତ୍ର ପାଲଟିଛି। କବିତା କେବଳ ମିଳନ ବିଚ୍ଛେଦର ଅଦ୍ଭୁତ ବ୍ୟାପାର ନୁହଁ, ଏହା ଆତ୍ମାର ଜଗତରେ ଜୀବନର ମଧୁର ଛନ୍ଦ ତୋଳିଥାଏ । ଚେତନାର ଦିବ୍ୟ ଉତ୍ତରଣ ଭିତରେ ପରିପୂର୍ଣ୍ଣ ଆତ୍ମସମର୍ପଣ ମଧ୍ୟ ଥାଏ କବିଟିର। କେତେ କେତେ ବେଦନା, ବିଷାଦର ବୀଭତ୍ସ ଦୃଶ୍ୟ ଭିତରେ ବି ବଂଚିବାର ଅଧିକାର ଟିକକ ପାଇଁ ଶବ୍ଦକୁ ଶାଣିତ ଅସ୍ତ୍ର କରି କବିଟିଏ ଜୀବନର ବୀଜମନ୍ତ୍ର ଉଚ୍ଚାରଣ କରୁଥାଏ। 'ତ୍ୱମସି' ମନ୍ତ୍ର ଭିତରେ ମାନବୀୟ ଚେତନାର ତତ୍ତ୍ୱ ଓ ଜୀବନଦର୍ଶନର ଚିତ୍ର ଆଙ୍କୁଥାଏ। ସବୁ କର୍ମ ଭଳି କବିତା ଲେଖିବା ଶ୍ରେଷ୍ଠ କର୍ମଟିଏ। ଜଡ଼ରୁ ଜୀବନର ସୃଷ୍ଟିପରି, ବିଶ୍ୱାସରୁ ବିରାଟ ବିଶ୍ୱର ଉତ୍ପତ୍ତି ଭଳି ଏ ମାନବୀୟ ଜୀବନ ପ୍ରଣବ ପ୍ରେମରେ ମୂର୍ତ୍ତି ହୋଇଯାଏ ତ ମାଟି ବୈକୁଣ୍ଠରେ ମଧ୍ୟ ରୂପାନ୍ତରିତ ହୋଇଯାଏ। ଏତିକିବେଳେ ସମସ୍ତ ହିଂସା ପ୍ରତିବାଦ ଅନ୍ଧକାର ଠାରୁ ଦୂରେଇଯାଇ ଖୋଜିବାକୁ ପଡ଼େ ଜୀବନର କବିତାକୁ-ଆଉ ଗାଇବାକୁ ହୁଏ ଜୀବନର ମହାମନ୍ତ୍ର...।

ଏହି ସଂକଳନଟିର ଶୁଭ ଜନ୍ମଲଗ୍ନରେ ମୋତେ ଶ୍ରଦ୍ଧା ଓ ଶୁଭେଚ୍ଛା ଜଣାଇଥିବା ସତୀର୍ଥ ଓ କାବ୍ୟରସିକଙ୍କ ନିକଟରେ ମୁଁ କୃତଜ୍ଞ। କବିତାଗୁଡ଼ିକୁ ଯେଉଁ ସଂପାଦକ ଓ ସଂପାଦିକାମାନେ ତାଙ୍କ ପତ୍ରପତ୍ରିକାରେ ପ୍ରକାଶିତ କରି ମୋତେ ପ୍ରେରଣା ଯୋଗାଇଛନ୍ତି ଏବଂ ମୋର ବନ୍ଧୁ ଅଧ୍ୟାପକ ଅନନ୍ତ ନାରାୟଣ ମିଶ୍ର, ପ୍ରଶାନ୍ତ ଦାସ, ଡକ୍ଟର ନଗେନ୍ଦ୍ରନାଥ ମହାପାତ୍ର, ଅଧ୍ୟାପକ ବ୍ରହ୍ମାନନ୍ଦ ମହାନ୍ତି, ପ୍ରାଧ୍ୟାପକ ରବୀନ୍ଦ୍ର କୁମାର ନାୟକ, ବରିଷ୍ଠ କବି ଗୋଲଖ ଚନ୍ଦ୍ର ଦଳାଇ, କବି ତ୍ରିନାଥ ସିଂହ, କବୀ ପ୍ରେମଲତା ପାଳ, ରେଣୁବାଳା ଚୌଧୁରୀ, ଅଧକ୍ଷ ଅର୍ଜୁନ କୁମାର ପ୍ରଧାନ, ହରେକୃଷ୍ଣ ଜେନା ଓ ଦେବଯାନୀ ପଣ୍ଡା ମୋର ସହଯୋଗୀ ନିରଞ୍ଜନ ସି, ପ୍ରିୟଛାତ୍ର ଭାବଗ୍ରାହୀ ଦାସଙ୍କ ନିକଟରେ ଶ୍ରଦ୍ଧା ଓ ଶୁଭେଚ୍ଛା ଜ୍ଞାପନ କରୁଛି।

ପତ୍ନୀ କନକଲତାଙ୍କୁ ଓ ସଂକଳନଟିର ପ୍ରକାଶନ ଭାର ଗ୍ରହଣ କରିଥିବା ପ୍ରିୟ ଅଗ୍ରଜ ତଥା ଓଡ଼ିଶାର ବିଶିଷ୍ଟ ଓ ବରିଷ୍ଠ କବି ଭିକାରୀ ଧଳଙ୍କୁ କୃତଜ୍ଞତା ଜଣାଉଛି।

ବାଲିଆପାଳ, ବାଲେଶ୍ୱର

ଗଳ୍ପ

# ଯେ ପକ୍ଷୀ ଉଡ଼େ ଯେତେ ଦୂର

ଜ୍ୟୋତ୍ସ୍ନା ମିଶ୍ର ପାଣିଗ୍ରାହୀ





ଅଦ୍ଭୁତ ଏ ସଂସାର, ଆହୁରି ଅଦ୍ଭୁତ ଏ ମନ। ସମସ୍ତଙ୍କ ସହ ଏ ମନ ମିଶେ ନାହିଁ। ଆଉ ଯାହା ସହ ମିଶିଯାଏ, ସ୍ୱତଃସ୍ଫୂର୍ତ୍ତ ଭାବରେ ସେଇଠି ସମ୍ପର୍କଟା ଏକ ସୂକ୍ଷ୍ମ ପର୍ଯ୍ୟାୟରେ ପହଞ୍ଚିଯାଏ, ଯେଉଁଠି ଗଭୀର ବିଶ୍ୱାସ, ସ୍ନିଗ୍ଧ ଅନୁରାଗ ଜୀବନରେ ପ୍ରୀତିର ପାରିଜାତ ଭରିଦିଏ । ହୃଦୟର କୋମଳ ଆବେଗ ପରସ୍ପରକୁ ଆକର୍ଷିତ କରିଥାଏ । ଫୁଲଗଛ ସବୁର କଟିଂ କରୁକରୁ ଭାବି ହେଉଥିଲେ ଜ୍ୟୋତି, କଣ କରିବେ ଏବେ ଶେଖର ? ଚାଳିଶବର୍ଷ ଧରି ଜୀବନ ଗୋଟେ ଧରାବନ୍ଧା ନିୟମରେ ଚାଲିଥିଲା ।

ବିଛଣାରୁ ଉଠି ଚାହା ପିଉ ପିଉ ପେପର ପଢା, ତାପରେ ନିତ୍ୟକର୍ମ ଶେଷ କରି ବ୍ରେକଫାଷ୍ଟ ସାରି ଅଫିସ ବାହାରିଯାଅ। ପାଞ୍ଚଟାରେ ଫେରି ପୁଣି ପଢାପଢିରେ ରାତି ନଅଟା ପର୍ଯ୍ୟନ୍ତ ବ୍ୟସ୍ତ ରହିବା ତ ନିତିଦିନିଆ କଥା। ତା ଭିତରେ ବି ସେ ଘରକଥା ଭଲ ଭାବରେ ବୁଝିଥାନ୍ତି । ହେଲେ ସବୁ ଠିକ୍ ସମୟରେ ହେବା ଦରକାର। ଟିକିଏ ଏପଟ ସେପଟ ହେଇଗଲେ ଭୀଷଣ ରାଗିଯାଆନ୍ତି ସେ।

ସେଥିପାଇଁ ତ ଜ୍ୟୋତି ଜଗିରଖି ସବୁ ସମୟ ମାଫିକ୍ କରିଥାଆନ୍ତି । ହେଲେ ଏବେ ? ସମୟ କେମିତି କଟେଇବେ ଶେଖର ? ଭାବି ହେଉଥିଲେ ଜ୍ୟୋତି। କେତେଥର ଶେଖରଙ୍କୁ କହିଛନ୍ତି, କ୍ଲବର ମେମ୍ବର ହେଇଯିବା ପାଇଁ । ହେଲେ ସେ ତ ରାଜି ହେଲେନାହିଁ କ୍ଲବକୁ ଯିବାପାଇଁ । କହିଲେ କଣ ନା, ସେଠି କ୍ରିଏଟିଭିଟି କଣ ଅଛି ? ଖାଲି ଯାହା ଇଆଡୁ ସିଆଡୁ ଗପ, ତାସ୍, ପାନୀୟ ଆଉ ଖାଦ୍ୟର ସମାହାର। ଏହାଛଡା ଆଉ ଅଧିକ କିଛି ଅଛି ?

ହଉ ଯଦି କ୍ଲବ ନଯିବ ତେବେ କୋଉ ବାବାଙ୍କ ଗ୍ରୁପରେ ମିଶିଯାଅ। ସବୁଦିନ ସଂଧ୍ୟାରେ ଭଜନ କୀର୍ତ୍ତନ କରିବ । ସତ୍‌ସଙ୍ଗ ଯିବ, ତାପରେ ପ୍ରସାଦ ସେବନ କରି ଘରକୁ ଫେରିବ । ରୋଷେଇର ଝମେଲା ବି ରହନ୍ତା ନାହିଁ ।

'ନା' କହି ରୋକ୍‌ଠୋକ୍ ମନା କରିଦେଲେ ଶେଖର । ଏସବୁର ପାଖ ବି ସେ ମାଡିବେ ନାହିଁ । ସେଇ ଘର ଭିତରେ ଦିନସାରା ରହି ବହି ଆଉ ବାଗାନ୍ ଭିତରେ ନିଜକୁ ସୀମାବଦ୍ଧ କରିଦେଇଥିଲେ ସେ। ଶେଖରଙ୍କୁ ଦେଖିଲେ ମନେମନେ ବ୍ୟସ୍ତ ହେଇପଡନ୍ତି ଜ୍ୟୋତି । ଶେଖର କେମିତି ଚୁପଚାପ୍ ହେଇ ଯାଉଛନ୍ତି ଦିନକୁ ଦିନ। ଘର ଭିତରେ ଷ୍ଟଡି ଟେବୁଲ୍ ପାଖରେ ବସିଥିବେ ତ ଗଲା ବସିଥିବେ। ଯେତେ କଥା ପଚାରିଲେ ବି ଉଁ କି ଚୁଁ କିଛି କହିବେନି । ପୁଣି ହଠାତ କହିଉଠିବେ, କଣ କହୁଥିଲ କି ! ଅଫିସ ଗଲାବେଳର ସେ ଛାନିଆ, ଚଇନିଚିକ୍କଣ ଚେହେରାର ଔଜଲ୍ୟ ଧୀରେଧୀରେ କମିଗଲାଣି। ଶେଖର ବେଳେବେଳେ ଗପ, କବିତା ବି ଲେଖୁଥିଲେ। ପାଠକ ପାଠିକାମାନଙ୍କର କେତେ ଫୋନ୍, ଚିଠି ବି ଆସୁଥିଲା। ହେଲେ ଏବେ ସେସବୁ ବି ବନ୍ଦ। ଜ୍ୟୋତି ଲେଖାଲେଖି କରିବାକୁ ଯେତେ କହିଲେ ବି ସେ ଚୁପ୍ ହେଇ ରହୁଛନ୍ତି।

ହଠାତ କଲିଂବେଲ୍‌ର ଆୱାଜ୍‌ରେ ଜ୍ୟୋତି ଭାବନାରାଇଜରୁ ଫେରିଆସିଲେ। କବାଟ ଖୋଲିବାବେଳକୁ ସାମନାରେ ଜଣେ ପଚିଶ ଛବିଶବର୍ଷର ଯୁବତୀ ଠିଆ ହେଇ ପ୍ରଶ୍ନ କରୁଥିଲେ ଏଇଟା କଣ ଶେଖର ସାର୍‌ଙ୍କ ଘର ? ଜ୍ୟୋତି ହଁ କହିଲାରୁ, ଝିଅଟି ସାର୍‌ଙ୍କୁ ଦେଖାକରିବା ପାଇଁ ଚାହିଁଲା। ତାକୁ ଡ୍ରଇଁରୁମ୍‌ର ସୋଫାରେ ବସେଇ ଦେଇ ଜ୍ୟୋତି ଶେଖରଙ୍କୁ ଡାକିବାକୁ ଗଲେ। ଚାହା ଦୁଇକପ୍ ଆଣିବାକୁ କହି ଶେଖର ଡ୍ରଇଁରୁମ୍‌କୁ ଆସିଲେ । ଅଧଘଣ୍ଟାଏ ଧରି କଥାବାର୍ତ୍ତା ସେମାନଙ୍କର ଚାଲିଥିବା ଭିତରେ ଜ୍ୟୋତି ରୋଷେଇଘରେ ଲଞ୍ଚ ପ୍ରିପେୟାରରେ ବ୍ୟସ୍ତ ରହିଗଲେ। ହଠାତ୍ ଶେଖରଙ୍କୁ ରୋଷେଇଘରେ ଦେଖି ଚମକି ପଡିଲେ ଜ୍ୟୋତି । ଆରେ, ଏପଟେ କେମିତି ପାଦ ପଡିଗଲା ତମର ଯେ ? ସେ ଟିକେ ହସିକି ପଚାରିଲେ ।

ଖୁସି ଲାଗୁଥିଲେ ଶେଖର। କହିଲେ ଜାଣିଛ, ସୁବର୍ଣ୍ଣା ଆମ ଅଫିସରେ ଜଏନ୍ କରିଛି । ମୋ ଠୁ କାମ ଶିଖିବା ପାଇଁ କହୁଥିଲା । ଭଲକଥା ତ, ଜ୍ୟୋତି କହିଲା। ତମେ ତ ଘରେ ବସିଛ । ଯାହାହେଉ କାମ ଶିଖେଇବା ପାଇଁ ତ ଟିକେ ବାହାରକୁ ଯିବ । ତମକୁ ଭଲ ଲାଗିବ । ହଁ, କହିଲେ ଶେଖର ।

ଆସ୍ତେ ଆସ୍ତେ ଶେଖର ପୁଣି କର୍ମଚଞ୍ଚଳ ହେଇଉଠୁଥିଲେ । କେଉଁଦିନ ସକାଳୁ ତ କେବେ ଦ୍ୱିପ୍ରହରରେ କାମ ଅଛି କହି ବାହାରି ଯାଉଥିଲେ । ସବୁବେଳେ ଫୋନରେ ବ୍ୟସ୍ତ ବି ରହୁଥିଲେ। ଜ୍ୟୋତି ଖୁସି ହେଉଥିଲେ । ଯାହାହେଉ, ତାଙ୍କର ଗୋଟେ ବଡ ଚିନ୍ତା ଗଲା। ହଠାତ୍ ଏଇ ସମୟରେ ତାଙ୍କ ମୋବାଇଲରେ ବାନ୍ଧବୀ ତୃପ୍ତିର ଫୋନ୍ ଆସିଲା । ସେ ହ୍ୟାଲୋ କହିଲା ମାତ୍ରେ, ସେପଟରୁ ତୃପ୍ତି କହିଲା, ଆରେ ତୁ ପାଲ୍ ହାଇଟ୍ସକୁ ଆସିଛୁ। ଉପରକୁ ଆସେ । ମୁଁ ଆଉ ମୋ ମିଷ୍ଟର ଏଇଠି ବସି ସୁପ୍ ପିଉଛୁ। ଭାଇନାଙ୍କୁ ତତେ ଦେଖିଲି ତଳେ । ଭଲ ଗ୍ରୀନ୍ କଲର୍‌ର ଶାଢୀଟେ ତ ପିନ୍ଧିଛୁ । ହସି ହସି ସେ କହିଲା ତୁ ଝକାସ୍ ଲାଗୁଛୁ ମ। ପୂରାପୂରି ସେଇ କଲେଜ ସମୟର ଲୀନା ଚନ୍ଦ୍ରାୱାକର ଭଳି ପଚିଶବର୍ଷୀୟା ସୁନ୍ଦରୀ ତରୁଣୀ ତ.....!!!

ନା ...ନା ମୁଁ ତ ଯାଇନି । ତୁ ଆଉ କାହାକୁ ଦେଖିଥିବୁ ମ, କହି ସେ ଫୋନ୍ ରଖିଦେଲେ । ଶେଖର କଣ ସେଇ ଯୁବତୀ ସହ ଲଞ୍ଚ କରିବାକୁ ପାଲ୍‌ହାଇଟ୍‌କୁ ଯାଇଛନ୍ତି ? ଭାବି ହେଉଥିଲେ ଜ୍ୟୋତି । ତାଙ୍କୁ ତ କିଛି କହିନାହାନ୍ତି ! କହିଥିଲେ, ସେ ତ କେବେବି ମନା କରିନଥାନ୍ତେ,ଏକଥା ଶେଖର ଭଲରେ ଜାଣିଛନ୍ତି । ତଥାପି ତାଙ୍କୁ ଲୁଚେଇଲେ କାହିଁକି ? ଷାଠିଏ ବର୍ଷ ତ ଆଜିକାଲି କିଛି କମ୍ ନୁହେଁ । ଶେଖର ତ ଜିନ୍ସ, ଟିସାର୍ଟ ପିନ୍ଧି ବାହାରି ପଡିଲେ, କେହି ବି ତାଙ୍କର ଷାଠିଏ ହେଲାଣି ବୋଲି କହିବେନି। ଚୁପ୍ ହେଇ ଭାବି ହେଉଥିଲେ ଜ୍ୟୋତି । ପଇଁତିରିଶ ବର୍ଷର ଦାମ୍ପତ୍ୟ ଜୀବନରେ ତାଙ୍କର ଏଭଳି ପରିସ୍ଥିତି କେବେ ଆସିନଥିଲା। ତାଙ୍କର, ପିଲାମାନଙ୍କର କଥା ସବୁ ଠିକ୍ ଭାବରେ ବୁଝିଛନ୍ତି ଶେଖର । କେବେବି ଅଣଦେଖା କି ଅବହେଳା କରିନାହାନ୍ତି । ଆଜି ବଡପୁଅ ତା ଲାଇଫ୍‌ରେ ଶେଟଲ୍ଡ । ବାହାରେ ଅଛି। ସାନ ବି ଏଇବର୍ଷ ଇଞ୍ଜିନିୟରିଂ ସାରି ଇନଫୋସିସ୍‌ରେ ଜଏନ୍ କରିଛି। ତେବେ ଏବେ କଣ ହେଲା ? ସେ କଣ ଶେଖରଙ୍କ ମନମାଫିକ୍ ହେଇ ।ରିନାହାନ୍ତି ? ହେଲେ ସେମିତି ତ ଜଣାପଡିନି କେବେ ବି। ଶେଖରଙ୍କ ଘରକୁ ସେ ଠିକ୍ ଭାବରେ ସମ୍ଭାଳିବା ଭିତରେ ସେ କଣ ଶେଖରର ମନକୁ ବୁଝିନାହାନ୍ତି କି ?

ପଡିଶାଘରର ରୀନା ଅପା ହଠାତ୍ ପହଞ୍ଚିଯାଇ ତା ଉପରେ ଖପ୍ପା । କହିଲେ ନଜରରେ ରଖ ଶେଖରଙ୍କୁ । କିଛି ଜାଣୁଛ ନା ନାହିଁ ? କଣ ହେଲା କି ଅପା, ସେ ପଚାରିଲେ। ଚୁପ୍ ଚୁପ୍ କି କହିଲେ ରୀନା ଅପା, ନାତି, ନାତୁଣୀଙ୍କୁ ନେଇ କାଲି ପାର୍କ ଯାଇଥିଲି । ସେଠାରେ ଶେଖରଙ୍କୁ ଜଣେ ଝିଅ ସହ କଥା ହେଉଥିବା ଦେଖିଲି। ହସି ହସି ବାଦାମ ଖୁଆଖୋଇ ହେଉଥିଲେ ଦୁଇଜଣ।

ହଁ, ହଁ ମୁଁ ଜାଣେ ସେ ଝିଅକୁ, କହିଲେ ଜ୍ୟୋତି। ଭଲ ଝିଅଟେ। ଏଙ୍କ ପାଖରୁ କାମ ଶିଖୁଛନ୍ତି ।

କାମ ଶିଖୁ ଶିଖୁ ଯେମିତି କାମ ନ କରିଦିଏ, ଚଢାଗଳାରେ କହି କହି ଚାଲିଗଲେ ରୀନା ଅପା।

ସେ କଣ କରିବେ ? ମନାକଲେ ହୁଏତ ଶେଖର ନ ଯାଇପାରନ୍ତି । ଘରେ ଭିତରେ ରହିଯିବେ। ହେଲେ ଶେଖରଙ୍କ ମନକୁ ତ ସେ ଚାବି ପକେଇ ରଖିପାରିବେନି ?

ଜ୍ୟୋତି ତାଙ୍କୁ କିଛି କହିବେନି। ସେ ଯାହା କରିବା କଥା କରନ୍ତୁ। ସେ ଭଲ ଭାବରେ ଜାଣିଛନ୍ତି, ଶେଖର କେବେ ହେଲେ କିଛି ଭୁଲ୍ କରିବେନି। ନିଜର ଭଲପାଇବା ଉପରେ ଜ୍ୟୋତିର ଗଭୀର ବିଶ୍ୱାସ ଅଛି । ଉଡନ୍ତୁ, ଯେତେ ଦୂର ଯାଏ। ହେଲେ ରାତି ହେବା ଆଗରୁ ସେ ନିଶ୍ଚିତ ଏଇଠିକୁ ହିଁ ଫେରିବେ । ଜ୍ୟୋତି ଉଠିଲେ।

ଫକୀରମୋହନ ନଗର, ଆଇଟିଆଇ ଛକ, ବାଲେଶ୍ୱର-୧
ମୋ : ୮୨୬୦୦୪୩୬୯୨

# ଛମୌଜ ମାଧବ ଚନ୍ଦ୍ର ଶିବ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ



ଜଳେଶ୍ୱର, ୪/୧ (ନି.ପ୍ର): ଈଶ୍ୱରଙ୍କ ଅନ୍ୟ ରୂପ ହେଲେ ଗୁରୁ। ଗୁରୁ ହେଉଛନ୍ତି ସାକ୍ଷାତ୍ ପରମବ୍ରହ୍ମ। ଭାରତବର୍ଷର ଗୁରୁଶିଷ୍ୟ ପରମ୍ପରା ବହୁ ପ୍ରାଚୀନ। ବିନା ଗୁରୁରେ କେହି କେବେ ସଫଳତାର ଶିଖର ଛୁଇଁପାରି ନ ଥାଏ।ବିଦ୍ୟାଳୟରେ ଗୁରୁଙ୍କ ବେତ ପାହାର ପିଲାର ଉତ୍ତମ ଜୀବନ ଗଠନରେ ସହାୟକ ହୁଏ।କଞ୍ଚାମାଟି ପିଣ୍ଡୁଳାକୁ ସୁନ୍ଦର ପ୍ରତିମା ରୂପେ ଗଢ଼ିବାରେ ନିରନ୍ତର ଚେଷ୍ଟା କରିଥାନ୍ତି ଗୁରୁ। ଅଜ୍ଞାନ ରୂପକ ଅନ୍ଧକାରରୁ ଯିଏ ଆଲୋକ ଦେଖାନ୍ତି,ସେ ହିଁ ଗୁରୁ। ବାପାମା'ଙ୍କ ପରେ ଗୁରୁ ହିଁ ଜୀବନରେ ଆଗକୁ ବଢ଼ିବା ପାଇଁ ସଠିକ୍ ମାର୍ଗ ଦେଖାଇଥାନ୍ତି। ଶିକ୍ଷା ପ୍ରଦାନ ସହ ଜୀବନକୁ ମାର୍ଜିତ,ଶୃଙ୍ଖଳିତ କରିବାରେ ତାଙ୍କ ଅବଦାନ ଥାଏ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ଜଳେଶ୍ୱର ବ୍ଲକ ଗୋପୀମୋହନ ପୁର ପଞ୍ଚାୟତ ଛମୌଜ ମାଧବ ଚନ୍ଦ୍ର ଶିବ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଜିତ କୁମାର ନନ୍ଦୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥି ମାନେ ବକ୍ତବ୍ୟ ପ୍ରଦାନ କରିଥିଲେ।ଏହି ବାର୍ଷିକ ଉତ୍ସବରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁଷୟା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସରପଞ୍ଚ ସାଗର ବାଳା ଜେନା,ସମିତି ସଦସ୍ୟା ଆରତୀ ରାଜ,ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ବାଲେଶ୍ୱର ଓଷ୍ଟା ସଭାପତି ମନୋରଂଜନ ଦାସ, ସଭାପତି ଓଷ୍ଟା ଜଳେଶ୍ୱର ସୁକୁମାର ମିଶ୍ର,ସମ୍ପାଦକ ଓଷ୍ଟା ଜଳେଶ୍ୱର ହରେକୃଷ୍ଣ ଜେନା,ସିଆରସିସି ମୀନା ପରିଡ଼ା,ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁଞ୍ଜବିହାରୀ ପ୍ରଧାନ,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିର୍ମଳ କୁମାର ଚନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସ୍ୱାଗତିକା ସି ମଞ୍ଚ ଆହ୍ୱାନ କରିଥିଲା ବେଳେ ଛାତ୍ରୀ ପ୍ରିୟଦର୍ଶିନୀ ମାହାନ୍ତି ଓ ଛାତ୍ର ବିଶ୍ୱଜିତ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ସତ୍ୟବ୍ରତ ଜେନା ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ମନୋରଂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଫୁଲ୍ଲ କୁମାର ପ୍ରଧାନ,ଫଗୁ ଟୁଡୁ,ତାପଶି ମହାପାତ୍ର, ସନ୍ଧ୍ୟାରାଣୀ ପଣ୍ଡା, ଦୀପିକା କର,ସତ୍ୟବ୍ରତ ଜେନା, ଜୟନ୍ତୀ ପ୍ରାମାଣିକ, ବରଦା ପ୍ରସନ୍ନ ଘଡାଇ, ଲକ୍ଷ୍ମୀପ୍ରିୟା ବେସ୍ରା, ସସ୍ମିତା ମାହାନ୍ତି, ପ୍ରଦୀପ କୁମାର ଗୀରି,ମାନସ କୁମାର କୁଣ୍ଡୁ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ତେବେ ମେଧାବୀ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଏକ ପ୍ରତିଯୋଗୀତା ମୂଳକ ମନୋଭାବର ବିକାଶ କରିବା ପାଇଁ ଆମେରିକାରେ କାର୍ଯ୍ୟରତ ରହୁଥିବା ଡ. ଦିଲ୍ଲୀପ କୁମାର ପଣ୍ଡା ତାଙ୍କ ବାପାଙ୍କ ସ୍ମୃତି ଉଦେଶ୍ୟରେ ଜଙ୍ଗେଶ୍ୱର୍ ପଣ୍ଡା ମେମୁରୀୟାଲ ଏକାଡେମୀ ଏକ୍ସିଲେସନ୍ ଏୱାର୍ଡ଼ ସହିତ ୨ ହଜାର ଟଙ୍କା ଏ ବର୍ଷ ଭଳି ପ୍ରତିବର୍ଷ ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇ ଥିଲା

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଜୁଏଲଙ୍କ ବ୍ୟକ୍ତିଗତ...

ଜଗତସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକର ସିଙ୍ଗାରପୁର ଗାଁରେ ଜନ୍ମିତ ଶ୍ରୀ ସାହୁ ଭୁବନେଶ୍ୱରସ୍ଥିତ ଓୟୁଏଟି ବିଶ୍ୱବିଦ୍ୟାଳୟରୁ ବିଏସସି ଓ ଜୁନାଗଡ଼ କୃଷି ବିଶ୍ୱବିଦ୍ୟାଳୟରୁ ଏମଏସସି ଡିଗ୍ରୀ ହାସଲ କରିବା ପରେ ୨୦୦୬ ମସିହାରେ ଆଇଏଏସ୍ ଚାକିରିରେ ଯୋଗ ଦେଇଥିଲେ । ଚାକିରିରୁ ଆରମ୍ଭରୁ ସେ ଡାମନ ଓ ଡିଉରେ ଜିଲ୍ଲାପାଳ ଭାବେ କାର୍ଯ୍ୟ ତୁଲାଇଛନ୍ତି । ପରେ ୨୦୧୨ରୁ ୨୦୧୪ ମସିହା ପର୍ଯ୍ୟନ୍ତ ଅରୁଣାଚଳ ପ୍ରଦେଶ ସରକାରରେ ବିଭିନ୍ନ ପଦବୀରେ କାର୍ଯ୍ୟ କରି ୨୦୧୫ରେ ଗୋଆ ସରକାରରେ ପ୍ରାୟ ଏକବର୍ଷ କାର୍ଯ୍ୟ କରିଛନ୍ତି । ୨୦୧୬ରୁ ୨୦୧୯ ମସିହା ପର୍ଯ୍ୟନ୍ତ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ, ଜଳଶକ୍ତି ଡେପୁଟି ସଚିବ ଓ ପରେ ନିର୍ଦ୍ଦେଶକ ଭାବେ ୨୦୨୨ ମସିହା ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ଡେପୁଟି ନିର୍ବାଚନ କମିଶନର ଭାବେ ୨୦୨୨ ଡିସେମ୍ବରରୁ ୨୦୨୪ ନଭେମ୍ବର ୧୬ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ ତୁଲାଇଥିଲେ ।

## ଲୁଟେରାଙ୍କ ଗୁଳିରେ...

ଗହଣା କିଣିବାକୁ ଆସିଥିବା ଜଣେ ବ୍ୟକ୍ତିଙ୍କ ବାଇକ୍ ଧରି ଚମ୍ପଟ ମାରୁଥିଲେ ୩ ଦୁର୍ବୃତ୍ତ। ଆଉ ସେମାନଙ୍କୁ କାରରେ ପିଛା କରିଥିଲେ ଗହଣା ଦୋକାନର କର୍ମଚାରୀ ସୁନୀଲ୍ ରାୟ ଓ ତାଙ୍କ ସାଥୀ। ପାଣିକୋଇଲି ଛକଠାରୁ ଅଳ୍ପ ଦୂରରେ ଥିବା ବିଦ୍ୟୁତ ଅଫିସ୍ ଆଗରେ ଲୁଟେରାଙ୍କ ବାଇକ୍‌କୁ ଧକ୍କା ଦେଇଥିଲେ ସୁନୀଲଙ୍କ କାର। ତା'ପରେ ୩ ଦୁର୍ବୃତ୍ତ ସେଠାରେ ପଡ଼ି ଯାଇଥିଲେ। ତଳୁ ଉଠିବା ପରେ ଲୁଟେରାମାନେ ଅନ୍ଧାଧୁନ୍ ଗୁଳି ଚଳାଇ ଥିଲେ। ଯେଉଁଥିରେ ଗୁରୁତର ଆହତ ହୋଇଥିଲେ ଅଫିସ୍ ଆଗରେ ଛିଡ଼ା ହୋଇଥିବା ବିଦ୍ୟୁତ କର୍ମଚାରୀ ନୀଳମାଧବ ପଣ୍ଡା, କାର ଭିତରେ ଥିବା ସୁନା ଦୋକାନୀ କର୍ମଚାରୀ ସୁନୀଲ ରାୟ ଓ ତାଙ୍କ ସାଥୀ। ସମସ୍ତଙ୍କୁ ଉଦ୍ଧାର କରାଯାଇ ପାଣିକୋଇଲି ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ନୀଳମାଧବଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସୁନୀଲ୍ ଓ ତାଙ୍କ ସାଥୀଙ୍କୁ କଟକ ରେଫର କରାଯାଇଥିଲା। ତେବେ ରାସ୍ତାରେ ସୁନୀଲ୍‌ଙ୍କ ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ ଗୁଳି ମାଡ଼ ପରେ ୩ ଦୁର୍ବୃତ୍ତ ଚମ୍ପଟ ମାରିବାକୁ ଚେଷ୍ଟା କରୁଥିଲେ। ସ୍ଥାନୀୟ ଲୋକେ ୩ ଜଣଙ୍କୁ ପିଛା କରିଥିଲେ। ଜଣେ ଦୁର୍ବୃତ୍ତ ଜୀବନ ବିକଳରେ ବନ୍ଧୁକ ଧରି ଗାଡିଆ ଭିତରେ ପଶି ଯାଇଥିଲେ। ଉତ୍ତ୍ୟକ୍ତ ଲୋକେ ଗାଡିଆ ଭିତରେ ତାକୁ ମାଡ଼ି ବସି ଥିଲେ। ତା'ପରେ ତାକୁ ବହେ ନାଦିଥିଲେ। ତାକୁ ମାଡ଼ ମାରି ରକ୍ତ କରିଦେଇଥିଲେ। ଅନ୍ୟ ଜଣେ ଭୟରେ ଏକ ଦୋକାନ ଘର ଭିତରେ ପଶି ଯାଇଥିବା ବେଳେ ତୃତୀୟ ଦୁର୍ବୃତ୍ତ ଚମ୍ପଟ ମାରିବାରେ ସଫଳ ହୋଇଥିଲା। ଘଟଣା ସ୍ଥଳରେ ପୁଲିସ୍ ପହଞ୍ଚି ଦୀର୍ଘ ସମୟର କସରତ ପରେ ଉତ୍ତ୍ୟକ୍ତ ଲୋକଙ୍କ କବଳରୁ ଦୁଇ ଲୁଟେରାଙ୍କୁ ଉଦ୍ଧାର କରିଥିଲା। ସେମାନଙ୍କୁ ଯାଜପୁର ଟାଉନ୍ ମେଡ଼ିକାଲ୍‌ରେ ଭର୍ତ୍ତି କରିଥିଲା। ସେଠାରେ ଉତ୍ତେଜନା ପ୍ରକାଶ ପାଇବାରୁ ସୁରକ୍ଷା ଦୃଷ୍ଟିରୁ ପୁଲିସ୍ ଜଣକୁ କଟକ ବଡ଼ ମେଡ଼ିକାଲ୍ ସ୍ଥାନାନ୍ତରିତ କରିଛି। ଏହାଛଡ଼ା ଗୁଳିକାଣ୍ଡ ସ୍ଥାନରୁ ପୁଲିସ୍ ବିପୁଳ ପରିମାଣର ସୁନା ଜବତ କରିଛି। ଜବତ ହୋଇଥିବା ସୁନା ଲୁଟେରା ନେଇ ପଳାଉଥିବା ଜଣାପଡ଼ିଛି। ସେପଟେ ଦୁର୍ବୃତ୍ତଙ୍କ ସମ୍ପର୍କରେ କୌଣସି ସୂଚନା ମିଳିନି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଲୁଟେରାମାନେ ଖଣ୍ଡି ହିନ୍ଦୀ ଭାଷାରେ କଥା ହେଉଛନ୍ତି। ସେମାନେ ଝାଡ଼ଖଣ୍ଡୀ ବା ଛତିଶଗଡ଼ୀ ହୋଇଥିବେ। ଅନ୍ୟପକ୍ଷରେ ଫେରାର ଥିବା ଅଭିଯୁକ୍ତକୁ ଧରିବା ପାଇଁ ପୁଲିସ୍ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ଏବେ ମଧ୍ୟ ପାଣିକୋଇଲି ଛକରେ ଉତ୍ତେଜନା ଲାଗି ରହିଛି। ସୁରକ୍ଷା ଦୃଷ୍ଟିରୁ ବ୍ୟାପକ ପୁଲିସ୍ ଫୋର୍ସ ମୁତୟନ କରାଯାଇଛି।

## ସାମ୍ବାଦିକ ମୁକେଶଙ୍କ...

ଏହା ପରେ ସରକାର ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତେଣୁ ତାଙ୍କ ଉପରେ ରାଗ ରଖିଥିଲେ ରାସ୍ତା ତିଆରି କରିଥିବା ଠିକାଦାର ଓ ଏଥିରେ ସଂପୃକ୍ତ ଅନ୍ୟ ଲୋକ। ଠିକାଦାର ସୁରେଶ ଚନ୍ଦ୍ରାକର ଏହି ରାସ୍ତାକାମ କରିଥିଲେ। ତାଙ୍କ ସହିତ ମୁକେଶଙ୍କର ଏକ ବୈଠକ ବ୍ୟବସ୍ଥା କରିଥିଲେ ରିତେଶ (ମୁକେଶଙ୍କ ଭାଇ)। ଜାନୁଆରୀ ୧ ତାରିଖରେ ଏହି ବୈଠକ ହୋଇଥିଲା। ଏହି ବୈଠକରେ ଯୋଗ ଦେବାକୁ ଯିବା ପରଠାରୁ ମୁକେଶଙ୍କ ଫୋନ୍ ସୁଇଚ୍ ଅଫ୍ ଦେଖାଇଥିଲା। ତା'ପରେ ସେ ନିଖୋଜ ହୋଇଯାଇଥିବା ନେଇ ତାଙ୍କ ବଡ଼ ଭାଇ ପୁଲିସ୍‌ରେ ଖବର ଦେଇଥିଲେ। ଦୁଇ ଦିନ ପରେ ଅର୍ଥାତ୍ ଗତକାଲି ଚଉନପଡ଼ାରେ ଠିକାଦାର ସୁରେଶ ଚନ୍ଦ୍ରାକରଙ୍କ ଏକ ଘର ନିକଟରେ ଥିବା ସେପ୍‌ଟିକ୍ ଟାଙ୍କିରୁ ମୁକେଶଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପୁଲିସ ଏହି ମାମଲାରେ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ରିତେଶ ସହିତ ତାଙ୍କ ପରିବାରର ଅନ୍ୟ ଜଣେ ସଦସ୍ୟ ଦୀନେଶ ଚନ୍ଦ୍ରାକର ମଧ୍ୟ ଅଛନ୍ତି। ତେବେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଠିକାଦାର ସୁରେଶ ଫେରାର ହୋଇଯାଇଛନ୍ତି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ ଯେଉଁ ସ୍ଥାନରେ ମୁକେଶଙ୍କ ମୃତଦେହ ମିଳିଥିଲା, ସେଠାରେ ରିତେଶ ଓ ସେ ବରାବର ଦେଖାସାକ୍ଷାତ ହୁଅନ୍ତି। ସେମାନଙ୍କ ମଧ୍ୟରେ ଖୁବ୍ ଭଲ ସଂପର୍କ ଥିଲା। ତଥାପି ମୁକେଶ ଏହି ଦୁର୍ନୀତି ସଂପର୍କରେ ରିପୋର୍ଟ ପ୍ରକାଶ କରିବାରୁ ରିତେଶଙ୍କ ସହିତ ତାଙ୍କ ସଂପର୍କ ଖଟା ହୋଇଥିଲା।

## ୨ ହଜାର ନୂଆ ଟ୍ରାଫିକ ...

ଏହି ଆପ୍ ମାଧ୍ୟମରେ ସାଧାରଣ ଲୋକ ଗୋଟିଏ କ୍ଲିକରେ ନିଜର ଗନ୍ତବ୍ୟ ସ୍ଥଳ ପାଇଁ ସହଜରେ ଅଟୋ ଓ ଟ୍ୟାକ୍ସି ପାଇପାରିବେ । ଏହି ବ୍ୟବସ୍ଥା ଉଭୟ ଚାଳକ ଓ ଯାତ୍ରୀଙ୍କ ପାଇଁ ଲାଭଦାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ଅବସରରେ ରାମମନ୍ଦିର ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କ ଜୀବନ ରକ୍ଷା କରୁଥିବା ଗୁଡ୍ ସମରିଟାନମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସଚେତନତା ପଦଯାତ୍ରାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମାଷ୍ଟରକ୍ୟାଣ୍ଟିନଠାରୁ ରାମମନ୍ଦିର ପର୍ଯ୍ୟନ୍ତ ଚାଲି ଚାଲି ଯାଇଥିଲେ । ତାଙ୍କ ସହ ବାଣିଜ୍ୟ ପରିବହନ ମନ୍ତ୍ରୀ ବିଭୂତିଭୂଷଣ ଜେନା, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଆକାଶ ଦାସନାୟକ,ବାବୁ ସିଂ, ମେୟର ସୁଲୋଚନା ଦାସ, ମୁଖ୍ୟ ସଚିବ, ପୁଲିସ ଡିଜି ଓ ବିଭିନ୍ନ ବିଭାଗର ସଚିବ ଓ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ ।

## ଘାଟି ତଳକୁ ଖସି ...

ସେନାର ଯବାନ ଓ ପୁଲିସ କର୍ମଚାରୀ ପହଞ୍ଚି ତଦାରଖ କରିଛନ୍ତି। ଏହା ପୂର୍ବରୁ ଗତବର୍ଷ ଡିସେମ୍ବର ୨୪ ତାରିଖରେ ଜମ୍ମୁ ଓ କଶ୍ମୀରର ପୁଞ୍ଚ ଜିଲ୍ଲାରେ ସେନାର ଏକ ଗାଡ଼ି ପ୍ରାୟ ୩୫୦ ଫୁଟ୍ ଗଭୀର ଖାଇକୁ ଖସି ପଡ଼ିବାରୁ ୫ ଜଣ ଯବାନଙ୍କ ମୃତ୍ୟୁ ଘଟିଥିବା ବେଳେ ୫ ଜଣ ଆହତ ହୋଇଥିଲେ। ତା' ପୂର୍ବରୁ ନଭେମ୍ବର ୪ ତାରିଖରେ ରଜୌରୀ ଜିଲ୍ଲାରେ ସେନାର ଏକ ଗାଡ଼ି ଖାଇକୁ ଖସି ପଡ଼ିବାରୁ ଜଣେ ସେନା କର୍ମଚାରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଥିଲେ।

## ଶପଥ ନେବା ପୂର୍ବରୁ ବଢ଼ିଲା...

ଦୂରେଇ ରହି ଅଂଶଗ୍ରହଣ କରିପାରିବେ। ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଦଣ୍ଡାଦେଶ ତାରିଖ ପୂର୍ବରୁ ୧୧ ଜୁଲାଇ ୨୦୨୩ ପାଇଁ ଧାର୍ଯ୍ୟ କରାଯାଇଥିଲା, କିନ୍ତୁ ତାଙ୍କ ଓକିଲଙ୍କ ଅନୁରୋଧ କ୍ରମେ ଦୁଇଥର ସ୍ଥଗିତ ରଖାଯାଇଥିଲା। ଶେଷରେ ରାଷ୍ଟ୍ରପତି ନିର୍ବାଚନ ପରେ ନଭେମ୍ବର ଶେଷ ତାରିଖ ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିଲା। ତା'ପରେ ଟ୍ରମ୍ପ୍ ନିର୍ବାଚନରେ ଜିତିଲେ ଏବଂ ବିଚାରପତି ପ୍ରକ୍ରିୟା ବନ୍ଦ କରିଦେଲେ ତେଣୁ ସେ କଣ କରିବେ ତାହା ସେହି ନିଷ୍ପତ୍ତି ନେଇପାରିବେ। ବିଚାରପତି ଦଣ୍ଡ ଘୋଷଣା ନ କରିବା ପର୍ଯ୍ୟନ୍ତ ଏ ବିଷୟରେ କିଛି କୁହାଯାଇପାରିବ ନାହିଁ। ତେବେ ସେ କହିଛନ୍ତି ଯେ, ଆଇନ ଅନୁଯାୟୀ ସରକାରୀ ଓକିଲ ଏବଂ ଟ୍ରମ୍ପ୍‌ଙ୍କୁ ସେମାନଙ୍କ ମତାମତ ଉପସ୍ଥାପନ କରିବାର ସୁଯୋଗ ମିଳିବ।

## ରକେଟ ବେଗରେ ଆଗକୁ ...

ସୁଦୀର୍ଘ ବେଳାଭୂମି, ତା ସାଙ୍ଗକୁ ପ୍ରାକୃତିକ ସମ୍ପଦର ସମ୍ଭାର। କଣ ନାହିଁ ଦକ୍ଷିଣ ଓଡ଼ିଶାରେ। କିନ୍ତୁ ବିକାଶ ଏଠାରେ ପହଞ୍ଚିବାକୁ ସଂଘର୍ଷ କରେ। କାରଣ ବିକାଶମୂଳକ କାର୍ଯ୍ୟରେ ଅନେକ ସମୟରେ ବାଧକ ସାଜେ ରାଜନୈତିକ ମନାନ୍ତର ଓ ମତାନ୍ତର। ଆଦିବାସୀ ଅଞ୍ଚଳ ହୋଇଥିବାରୁ ସବୁବେଳେ ଅବହେଳାର ଶିକାର ହୋଇଛି ଦକ୍ଷିଣ ଓଡ଼ିଶା। ଏବେ ପ୍ରଶ୍ନ, ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ କଣ ସତରେ ଦକ୍ଷିଣ ଓଡ଼ିଶାର ଭାଗ୍ୟ ବଦଳାଇ ପାରିବ? ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ହେଉଛି ଏହାର ଜଳନ୍ତ ଉଦାହରଣ।

# ଚକସାର୍ଥରେ ମଧୁର ମେଳା ଉଦ୍‌ଯାପିତ

ବାଲେଶ୍ୱର, ୪/୧ (ନି.ପ୍ର): ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଚକସାର୍ଥ ଠାରେ ୯ ଦିନ ବ୍ୟାପି ମଧୁର ମେଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ମେଳାରେ ତା ୨୩. ୧୨ ରିଖରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ୩୨ ବେଶ ଉଦ୍‌ଘାଟିତ ହୋଇଥିବା ବେଳେ ତା୨୭. ୧୨. ୨୪ରିଖ ଠାରୁ ତା୩୦. ୧୨. ୨୪ରିଖ ପର୍ଯ୍ୟନ୍ତ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ୨୪ ପ୍ରହର ନାମ ଯଜ୍ଞ ଓ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି । ନାମଯଜ୍ଞର ଶେଷ ଦିବସରେ ପ୍ରାୟ ୨୦ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଏହି ମେଳାରେ ବିଜେଡ଼ି ସାଂସଦ ପ୍ରାର୍ଥନୀ ଲେଖାଶ୍ରୀ ସାମନ୍ତ ସିଂହାର, ବାଲେଶ୍ୱର ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ, ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ, ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ସମାଜସେବୀ ଗୋପୀକୃଷ୍ଣ ମହାନ୍ତି, କୁଣ୍ଡୁଳି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଜଳନ୍ଧର ମଲ୍ଲିକ, ବାଲେଶ୍ୱର ସଦର ବ୍ଲକ ଅଧକ୍ଷା ସୁନୀତା ବେହେରା, ଯୁବନେତା ବିକ୍ରମ ପଣ୍ଡା ଓ ସରୋଜ କୁମାର ଲେଙ୍କା, ବାଲିଆପାଳ ଭିଟାମାଟି ସୁରକ୍ଷା ମଞ୍ଚର ଆବାହକ ଅରୁଣ ଜେନା ପ୍ରମୁଖ ଉକ୍ତ ମେଳାରେ ବିଭିନ୍ନ ଦିବସରେ ଅତିଥି ରୂପେ ଯୋଗଦାନ କରି ମେଳା କମିଟିର ଏଭଳି ଆୟୋଜନକୁ ଭୂୟସୀ ପ୍ରଂଶସା କରିଥିଲେ । ପ୍ରତିଦିନ ସଂଧାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ମଧୁର ମେଳାକୁ ମେଳା ପରିଷଦର ଉପଦେଷ୍ଟା ପ୍ରାକ୍ତନ ପ୍ରାଧାପକ ତରଣୀସେନ୍ ଜେନା, ପରିଷଦର ସଦସ୍ୟ ପୂର୍ବତନ ସରପଞ୍ଚ ସଞ୍ଜିବ କୁମାର ମଣ୍ଡଳ, ବିଷ୍ଣୁପଦ ଦିନ୍ଦା, ଭୁଦେବ ସାହୁ ଓ ବରୁଣ କୁମାର ସାହୁ ପ୍ରମୁଖ ପ୍ରାୟ ୧୫୦ ସଦସ୍ୟ ପରିଚାଳନା କରିଥିଲେ । ଉକ୍ତ ମେଳାର ପ୍ରମୁଖ ସହଯୋଗୀ ଗଙ୍ଗାମାତା ଫିସର ମ୍ୟାନ ଡ୍ରାଇଭର ସଂଘର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ ।

# ସମାଜସେବୀ ଓ ଶିକ୍ଷାବିତ୍ ପୂର୍ବତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଶ୍ରୀ ହରି ନାୟକଙ୍କ ଏକାଦଶ କ୍ରିୟା ଓ ଶ୍ରଦ୍ଧାଞ୍ଜଳି ସଭା



ବାଲିଆପାଳ , ୪/୧ (ନି.ପ୍ର): ଆଜି ବାଲିଆପାଳ ବ୍ଲକର ଜଗାଇ ନିକଟସ୍ଥ ସରପୁଞ୍ଜା ଗ୍ରାମର ସମାଜ ସ୍ୱେୀ, ପ୍ରବୀଣ ଶିକ୍ଷାବିଦ ତଥା ପଦ୍ମଲୋଚନ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଶ୍ରୀହରି ନାୟକଙ୍କ ଏକାଦଶାହ କ୍ରିୟା ଓ ଶ୍ରଦ୍ଧାଞ୍ଜଳି ସଭା ବାକିଅପାଳର ବରିଷ୍ଠ ନାଗରିକ ସଭାପତି ନାରାୟଣ ପ୍ରସାଦ ସାହୁଙ୍କ ପୌରାହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ତାଙ୍କର ଅନେକ ଛାତ୍ର ଛାତ୍ରୀ ଏଥିରେ ଯୋଗ ଦେଇଥିଲେ ମଂଚାସୀନ ଅତିଥି ରୂପେ ଅବସର ପ୍ରାପ୍ତ ଶିକ୍ଷାବିଦ ଚିତ୍ତରଞ୍ଜନ ଦାସ ଓ ପୂର୍ଣ୍ଣଚନ୍ଦ୍ର ରାଜ ଯୋଗ ଦେଇଥିଲେ । ବାଲିଆପାଳ ବରିଷ୍ଠ ନାଗରିକ ପରିଷଦର ସଦସ୍ୟ ଅବସର ପ୍ରାପ୍ତ ଅଧାକ୍ଷ କୁଞ୍ଜକାନ୍ତ ପାତ୍ର, ବେଣୁଧର ମଣ୍ଡଳ, ଶ୍ରୀହରି ମଣ୍ଡଳ, ସନ୍ନ୍ୟାସୀବେହେରା, ଡ୍ର ବଂକିମ ଚନ୍ଦ୍ର ଜେନା, ବିଜୟ ପାତ୍ର, ଝାଡ଼େଶ୍ୱର ଦାସ, ଦୟାନିଧି ସାହୁ, ରେବତୀ ଜେନା, ଅସିତ ଦାସ ଓ ଶିକ୍ଷବିତ ଧୀରେନ୍ଦ୍ର ହାଜରା ସାର ସ୍ୱର୍ଗତ ଶ୍ରୀହରି ନାୟକଙ୍କ ସ୍ମୃତି ଚାରଣ କରିବା ସଙ୍ଗେ ସଙ୍ଗେ ତାଙ୍କର ବ୍ୟକ୍ତିତ୍ୱ, ପାଣ୍ଡିତ୍ୟ ସମ୍ବନ୍ଧରେ ଉଦବୋଧନ ଦେଇଥିଲେ । ତାଙ୍କର ଜ୍ୟେଷ୍ଠ ପୁତ୍ର ଦୁର୍ଗାଷଙ୍କର ନାୟକ, ସାନପୁତ୍ର ଉମାଶଙ୍କର ନାୟକ ଓ ପୁତ୍ର ବଧୂ ଗୀତାଞ୍ଜଳି, ସ୍ୱାତିଲଗ୍ନା ଓ ନାତି ନାତୁଣୀ ଉପସ୍ଥିତ ଥିଲେ ।

# ନେହେରୁ ଯୁବ କେନ୍ଦ୍ର ଦ୍ୱାରା କ୍ରୀଡ଼ା ପ୍ରତିଯୋଗିତା

ବଡ଼ସାହି, ୪/୧ (ନି.ପ୍ର): ବଡ଼ସାହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗଡଦେଉଳିଆରେ ନେହେରୁ ଯୁବକେନ୍ଦ୍ର ମୟୂରଭଞ୍ଜ ଓ ବୀର ବିର୍ସା କ୍ଲବ ଲାଖବିନ୍ଧା ମିଳିତ ଆନୁକୁଲ୍ୟରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେଇଥିଲା। କ୍ଲବ ସମ୍ପାଦକ ଶଙ୍କର ଚାପେୟାର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଜୟ କୁମାର ପରିଡ଼ା (ଅବସର ପ୍ରାପ୍ତ ଖେଳ ଶିକ୍ଷକ) ଆନୁଷ୍ଠାନିକ ଭାବରେ ଉଦ୍ଘାଟନ କରିଥିଲେ । ମୁଖ୍ୟ ଅତିଥି - ଉମାକାନ୍ତ ବେହେରା, (ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ), ମୁଖ୍ୟବକ୍ତା - ସନ୍ତୋଷ କୁମାର ଖଣ୍ଡା (ଫୋର୍ଡର ସମ୍ପାଦକ), ସମ୍ମାନନୀୟ ଅତିଥି ଭାବେ ବୁଧିଆ ସିଂ(ସମାଜ ସେବୀ), ମଧୁ ସିଂ ଓ ଦୁଃଖିଶ୍ୟାମ ସିଂ ପୂର୍ବତନ ସରପଞ୍ଚ ଉପସ୍ଥିତ ହୋଇ କ୍ରୀଡ଼ା ପ୍ରେମୀଙ୍କୁ ଉତ୍ସାହିତ କରିବା ସହିତ କୃତୀ ପ୍ରତିଯୋଗୀ ମାନଙ୍କୁ ପ୍ରମାଣ ପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ଫୋଟବଲ (ପୁରୁଷ), କବାଡି(ମହିଳା), ଡାଇକଣ୍ଡ (ପୁରୁଷ), ଧୀର ସାଇକଲ ଚଲାଇବା (ମହିଳା), ବ୍ୟାଡମିଣ୍ଟନ (ମହିଳା) ପ୍ରତିଯୋଗିତା କରାଯାଇଥିଲା । ନେହେରୁ ଯୁବ କେନ୍ଦ୍ରର ଏଭଳି ପ୍ରୟାସକୁ ଜନସାଧାରଣ ଭୂୟସୀ ପ୍ରଶଂସା କରିଥିଲେ । କ୍ଲବର ସଭ୍ୟ - ସଭ୍ୟା ମାନେ ସହଯୋଗ କରିଥିଲେ । ସର୍ବ ଶେଷରେ ଲକ୍ଷ୍ମୀଧର ମାଝୀ ସଭାପତି ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।


ଭାରତ ସରକାର, ରେଳ ମନ୍ତ୍ରଣାଳୟ

ରେଳ ନିଯୁକ୍ତି ବୋର୍ଡ

କେନ୍ଦ୍ରୀକୃତ ଏମ୍ପ୍ଲୟମେଣ୍ଟ ନୋଟିସ(CEN) ନମ୍ବର ୦୭/୨୦୨୪

ମନ୍ତ୍ରୀ ଏବଂ ବିଚ୍ଛିନ୍ନ ବର୍ଗର ବିଭିନ୍ନ ପଦବୀରେ ନିଯୁକ୍ତି

ନିମ୍ନ ସାରଣୀରେ ମନ୍ତ୍ରଣାଳୟ ଏବଂ ବିଚ୍ଛିନ୍ନ ବର୍ଗର ବିଭିନ୍ନ ପଦବୀ ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କ ଠାରୁ ଆବେଦନଗୁଡିକ ଆମନ୍ତ୍ରଣ କରାଯାଉଛି। ଆବେଦନପତ୍ର ଦାଖଲ କରିବାର ଶେଷ ତାରିଖ ହେଉଛି ୦୬/୦୨/୨୦୨୫ । ଆବେଦନ (ସମସ୍ତ କ୍ଷେତ୍ରରେ ସମ୍ପୂର୍ଣ୍ଣ) କେବଳ ଅନଲାଇନ୍ ଦାଖଲ ହେବା ଜରୁରୀ ।

ଆବେଦନ ଖୋଲିବାର ତାରିଖ : ୦୭/୦୧/୨୦୨୫

ଆବେଦନ ଦାଖଲ ପାଇଁ ବନ୍ଦ ତାରିଖ : ୦୬/୦୨/୨୦୨୫ ।

| ପଦବୀର ନାମ | ସପ୍ତମ CPC ଅନୁଯାୟୀ ଦେୟ ସ୍ତର | ପ୍ରାରମ୍ଭିକ ଦେୟ (Rs) | ମେଡିକାଲ୍ ଷ୍ଟାଣ୍ଡାର୍ଡ | ୦୧.୦୧.୨୦୨୫ ରେ ବୟସ | ମୋଟ ପଦବୀ (ସମସ୍ତ RRBs) |
|---|---|---|---|---|---|
| ବିଭିନ୍ନ ବିଷୟର ସ୍ନାତକ ଶିକ୍ଷକମାନେ | ୮ | ୪୭୬୦୦ | C2 | 18 - 48 | 187 |
| ବୈଜ୍ଞାନିକ ସୁପରଭାଇଜର (ଏର୍ଗୋନୋମିକ୍ସ ଏବଂ ଟ୍ରେନିଂ) | ୭ | ୪୪୯୦୦ | B1 | 18 - 38 | 3 |
| ବିଭିନ୍ନ ବିଷୟର ତାଲିମ ପ୍ରାପ୍ତ ସ୍ନାତକ ଶିକ୍ଷକ | ୭ | ୪୪୯୦୦ | C2 | 18 - 48 | 338 |
| ମୁଖ୍ୟ ଆଇନ ସହାୟକ | ୭ | ୪୪୯୦୦ | C1 | 18 - 43 | 54 |
| ସରକାରୀ ଓକିଲ | ୭ | ୪୪୯୦୦ | C1 | 18 - 35 | 20 |
| ଶାରୀରିକ ତାଲିମ ନିର୍ଦ୍ଦେଶକ (ଇଂରାଜୀ ମଧ୍ୟମ) | ୭ | ୪୪୯୦୦ | C2 | 18 - 48 | 18 |
| ବୈଜ୍ଞାନିକ ସହାୟକ / ତାଲିମ । | ୬ | ୩୫୪୦୦ | B1 | 18 - 38 | 2 |
| ଜୁନିଅର ଅନୁବାଦକ / ହିନ୍ଦୀ । | ୬ | ୩୫୪୦୦ | C2 | 18 - 36 | 130 |
| ବରିଷ୍ଠ ପ୍ରଚାର ନିରୀକ୍ଷକ । | ୬ | ୩୫୪୦୦ | C1 | 18 - 36 | 3 |
| କର୍ମଚାରୀ ଏବଂ କଲ୍ୟାଣ ନିରୀକ୍ଷକ । | ୬ | ୩୫୪୦୦ | C1 | 18 - 36 | 59 |
| ପାଠାଗାର | ୬ | ୩୫୪୦୦ | C2 | 18 - 33 | 10 |
| ସଙ୍ଗୀତ ଶିକ୍ଷକ (ମହିଳା) | ୬ | ୩୫୪୦୦ | C2 | 18 - 48 | 3 |
| ବିଭିନ୍ନ ବିଷୟର ପ୍ରାଥମିକ ରେଳ ଶିକ୍ଷକ । | ୬ | ୩୫୪୦୦ | C2 | 18 - 48 | 188 |
| ସହକାରୀ ଶିକ୍ଷକ (ମହିଳା) (କନିଷ୍ଠ ବିଦ୍ୟାଳୟ) | ୬ | ୩୫୪୦୦ | C2 | 18 - 48 | 2 |
| ଲାବୋରେଟୋରୀ ସହାୟକ / ବିଦ୍ୟାଳୟ । | ୪ | ୨୫୫୦୦ | C2 | 18 - 48 | 7 |
| ଲ୍ୟାବ୍ ଆସିଷ୍ଟାଣ୍ଟ ଗ୍ରେଡ୍ ତୃତୀୟ (ରସାୟନ ବିଜ୍ଞାନୀ ଏବଂ ମେଟାଲର୍ଜିଷ୍ଟ) | ୨ | ୧୯୯୦୦ | B1 | 18 - 33 | 12 |
| | | | | ମୋଟ | 1036 |

ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ବୟସ ସୀମା ବର୍ଷଗୁଡିକରେ ଅଛି ଏବଂ ବୟସର ଉପର ସୀମା କୋଭିଡ -୧୯ ମହାମାରୀ ହେତୁ ଏକକାଳୀନ ମାପ ଭାବରେ ନିର୍ଦ୍ଦିଷ୍ଟ ବୟସ ସୀମାଠାରୁ ୩ ବର୍ଷର ବିରତିକୁ ଅନ୍ତର୍ଭୁକ୍ତ କରେ ।

ଅଧିକ ବିବରଣୀ ପାଇଁ, ଦୟାକରି ନିମ୍ନରେ ତାଲିକାଭୁକ୍ତ ସମସ୍ତ ଅଂଶଗ୍ରହଣକାରୀ ରେଳ ନିଯୁକ୍ତି ବୋର୍ଡ (RRBs)ର ଅଫିସିଆଲ୍ ୱେବସାଇଟରେ ଉପଲବ୍ଧ ବିସ୍ତୃତ କେନ୍ଦ୍ରୀୟ ନିଯୁକ୍ତି ବିଜ୍ଞପ୍ତି (CEN) ନମ୍ବର ୦୭/୨୦୨୪ କୁ ଅନୁସରଣ କରନ୍ତୁ ।

| Websites of RRBs Participating in CEN No. 07/2024 | | |
|---|---|---|
| Ahmedabad www.rrbahmedabad.gov.in | Chandigarh www.rrbcdg.gov.in | Malda www.rrbmalda.gov.in |
| Ajmer www.rrbajmer.gov.in | Chennai www.rrbchennai.gov.in | Mumbai www.rrbmumbai.gov.in |
| Bengaluru www.rrbbnc.gov.in | Gorakhpur www.rrbgkp.gov.in | Patna www.rrbpatna.gov.in |
| Bhopal www.rrbbhopal.gov.in | Guwahati www.rrbguwahati.gov.in | Prayagraj www.rrbald.gov.in |
| Bhubaneswar www.rrbbbs.gov.in | Jammu- Srinagar www.rrbjammu.nic.in | Ranchi www.rrbranchi.gov.in |
| Bilaspur www.rrbbilaspur.gov.in | Kolkata www.rrbkolkata.gov.in | Secunderabad www.rrbsecunderabad.gov.in |

ଏହି ବିଜ୍ଞପ୍ତି ପ୍ରକୃତରେ ପ୍ରକୃତିର ସୂଚକ ଅଟେ । ପ୍ରାର୍ଥୀମାନେ ଅନଲାଇନ୍ ମୋଡ୍ ମାଧ୍ୟମରେ ଆବେଦନ କରିବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଜାଣିବା ପାଇଁ ବିସ୍ତୃତ CEN ନଂ: ୦୭/୨୦୨୪ ର ପୋଷ୍ଟ ପାରାମିଟର ଟେବୁଲ୍ ଏବଂ ଖାଲି ଟେବୁଲ୍ ଦେଇ ଯିବା ଆବଶ୍ୟକ । ଉପରୋକ୍ତ ନିଯୁକ୍ତି ସହିତ ଜଡିତ ଯେକୌଣସି କରିଜେଣ୍ଡମ୍ / ଯୋଗ / ଗୁରୁତ୍ୱପୂର୍ଣ୍ଣ ବିଜ୍ଞପ୍ତି କେବଳ RRB ର ଉପରୋକ୍ତ ୱେବସାଇଟରେ ସମୟ ସମୟରେ ପ୍ରଦାନ କରାଯିବ ।

ନଂ: RRB / SGUJ / Advt./ CEN 07/2024 / ମନ୍ତ୍ରୀ ଏବଂ ବିଚ୍ଛିନ୍ନ ବର୍ଗ

ତାରିଖ: ୦୫.୧.୨୦୨୫

ଚେୟାରମ୍ୟାନ୍
ରେଲୱେ ରିକ୍ରୁଟମେଣ୍ଟ ବୋର୍ଡସ

ଟଟ୍ସ, ବ୍ରୋକର୍ସ ଏବଂ ଜବ୍ ର୍ୟାକେଟର୍ସଙ୍କ ପ୍ରତି ସତର୍କ ରୁହନ୍ତୁ ।


# ପ୍ରବାଦ ପୁରୁଷ ଶ୍ରୀଯୁକ୍ତ ଜାନକି ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ପାଳିତ



ଖୋର୍ଦ୍ଧା , ୪/୧ (ନି.ପ୍ର): ତାରିଖ ତିନି ଜାନୁୟାରୀ ଦୁଇହଜାର ପଚିଶି ଶନିବାର ଦିନ ତିନି ଜାନୁୟାରୀ ପଚିଶି ତାରିଖ ଖୋର୍ଦ୍ଧାରେ ଥିବା ସ୍ୱର୍ଗତ ଜାନକି ଉଦ୍ୟାନ ପାଳନ କରାଯାଇ ଅଛି । ଉକ୍ତ ସଭାରେ ସ୍ଥାୟୀ ସଭାପତି ଶ୍ରୀଯୁକ୍ତ ସମ୍ୟରଞ୍ଜନ ପଟନ୍ୟାୟକ ବିଧାୟକ , ତାଙ୍କ ଜାମାତା ତାଙ୍କ ପୁଅ ପୃଥିରାଜ ପଟନ୍ୟାୟକ, ଉତ୍ତର ଓଡିଶା ପୂର୍ବତନ କୁଳପତି କ୍ଷୀରଦୋ ମହାନ୍ତି ,ଦିଲୀପ ଶ୍ରୀଚନ୍ଦନ, ସ୍ଥାୟୀ ସମ୍ପାଦକ ଓ ଆଭାୟକ ସଂଜୟ କୁମାର ପଟନ୍ୟାୟକ ଆଦି ତାଙ୍କ ଗୁଣ ଓ ପ୍ରତିଭା ଉପରେ ଖୋର୍ଦ୍ଧା ଇତିହାସ ଆଲୋଚନା କରିଥିଲେ । ସମସ୍ତ ଖୋର୍ଦ୍ଧା ବୁଦ୍ଧିଯିବି କଂଗ୍ରେସ ସଭ୍ଯ ଯୋଗ ଦେଇଥିଲେ । ଧନ୍ୟବାଦ ସହ ସଭା ସାଙ୍ଗ କରା ଯାଇଥିଲା।

# ହେଲଦୀ ଲାଇଫ ଯୁବ ରେଡକ୍ରସ ଦ୍ୱାରା ଯୁବ ନେତୃତ୍ୱ ଶିବିର

ବାଲେଶ୍ୱର, ୪/୧ (ନି.ପ୍ର): ଅଗ୍ରଣୀ ହେଲଦୀ ଲାଇଫ୍ ଯୋଗ ମହାବିଦ୍ୟାଳୟ ଇନଷ୍ଟିଚ୍ୟୁଟ୍ ଅଫ୍ ନେଚର କିଅର ଏଣ୍ଡ ଯୋଗିକ ସାଇସ୍ ଏବଂ ଇଣ୍ଡିୟାନ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ମାନଙ୍କୁ ଯୋଗ ଓ ପ୍ରାକୃତିକ ଚିକିତ୍ସା ଉପରେ ଜାନୁଆରୀ ୪ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଡିଆଇଜି ପୋଲିସ ଡ. ସତ୍ୟଜିତ ନାୟକ, ସମ୍ମାନିତ ଅତିଥି ସମ୍ବାଦ ପେପର ଉତ୍ତର ଓଡ଼ିଶାର ମୁଖ୍ୟ ଚିତ୍ତରଞ୍ଜନ, ଅନ୍ୟତମ ଅତିଥି ପ୍ରତିଭାଶ୍ରୀର ମୁଖ୍ୟ କବି ପ୍ରସାନ୍ତି ଦାସ ଜିଲ୍ଲା ରେଡକ୍ରସ ସଂଯୋଜକ ସୁଧିର କୁମାର ମୁଦୁଲି ଯୋଗ ଓ ପ୍ରାକୃତି ଚିକିତ୍ସା ବିନା ଔଷଧରେ ଚିକିତ୍ସା ନେଇ ୧୦୦ ବର୍ଷ ନିରୋଗରେ ବଞ୍ଚିବା ଅତିଥି ମାନଙ୍କ ଦ୍ୱାରା ଅଭିଭାଷଣ ରଖିଥିଲେ । ରିସର୍ସପାର୍ସନ ଡାକ୍ତର ସୁଭାଷ ଚନ୍ଦ୍ର ଷଡ଼ଙ୍ଗୀ, ସନାତନ ମହାକୁଡ଼, ଡାକ୍ତର ଭଗବାନ ଭୁନୟା, ଡାକ୍ତର ଅଖିଳରଣା, ଯୋଗ ଚିକିତ୍ସକ ସୁସମିତା ଦାଶ ଯୋଗ ପ୍ରଶିକ୍ଷକ ଅଭିଶେକ ଦାସ ଯୋଗ ଦେଇ ଯୋଗ ଓ ପ୍ରାକୃତି ଚିକିତ୍ସା ଉପରେ ଶିକ୍ଷା ଦେଇଥିଲେ । ଇଣ୍ଡିଆନ ଯୁବ ରେଡକ୍ରସ ମୁଖ୍ୟ ଅନରାରୀ ସେକ୍ରେଟାରୀ ଗଣେଷ ଚନ୍ଦ୍ର ପାତ୍ର, ରେଡକ୍ରସ ଅଫିସର ଡ. ରମେଶ ଚନ୍ଦ୍ର ବେହେରା ଶିବିର ପରିଦର୍ଶନ ଓ ବକ୍ତବ୍ୟ ରଖିଥିଲେ ଅନୁଷ୍ଠାନର ମୁଖ୍ୟ ଡାକ୍ତର ଚିତ୍ତରଞ୍ଜନ ସାହୁ ଓ ଅଧକ୍ଷା ଦେବୀ ଅର୍ଚ୍ଚନା ଦାସ ଶିବିର ପରିଚାଳନା କରିଥିଲେ । ଶେଷରେ ରେଡକ୍ରସ କାଉନସିଲର ଅନିତା ମିଶ୍ର ଧନ୍ୟବାଦ ଦେଇଥିଲେ ।

# ବିଦାୟ ନେଲେ ମଲି ଅପା

ଉଦଳା , ୪/୧ (ନି.ପ୍ର): ଉଦଳା ସହରର ମେଣ୍ଢାଖାଇ ବାସିନ୍ଦା ପ୍ରତାପ ଚନ୍ଦ୍ର ମହାପାତ୍ରଙ୍କ ସହଧର୍ମିଣୀ ସୁରମା ମହାପାତ୍ର ଓରଫ ମଲିଅପା ଗତ ଡ଼ିସେମ୍ବର ୩୧ ତାରିଖ ମଙ୍ଗଳବାର ରାତ୍ରୀ ୧୧ ଘଟିକା ସମୟରେ ୮୦ ବର୍ଷ ବୟସରେ ଆମ ଗହଣରୁ ସବୁଦିନ ପାଇଁ ବିଦାୟ ନେଇଯାଇଛନ୍ତି । ମଲି ଅପା ନାମରେ ସେ ଏ ଅଂଚଳରେ ପରିଚିତ ଥିଲେ । ତାଙ୍କର ଶ୍ୱଶୁର ସ୍ୱର୍ଗତଃ ରାମଚନ୍ଦ୍ର ମହାପାତ୍ର ଜଣେ ସ୍ୱାଧିନତା ସଂଗ୍ରାମୀ ଥିଲେ । ରାସ୍ତା ପାର୍ଶ୍ୱର୍ରେ ନୂଆଁଣିଆଁ ଚାଳଘରେ ମଲିଅପା ଚେନାଚୁର, ବିସ୍କୁଟ ବିକ୍ରୟ କରୁଥିଲେ । ଗ୍ରୀଷ୍ମ ଋତୁରେ ବାଟୋଇ ମାନଙ୍କୁ ଜଳ ଦାନ କରି ସେ ସମସ୍ତଙ୍କର ଆପଣାର ହୋଇ ଉଠିଥିଲେ । ସେଥିପାଇଁ ରାସ୍ତାରେ ଯାଉଥିବା ବାଟୋଇମାନେ ଗ୍ରୀଷ୍ମ ଋତୁ ଆସିଲେ ମଲିଅପା ଘରେ ପାଣି ପିଇ ଚାଳଘର ଛାଇରେ ଘଡ଼ିଏ ବିଶ୍ରାମ ନେଇ ନିଜର କାମରେ ଆଗଉଥିଲେ । ମଲିଅପାଙ୍କ ଦେହାନ୍ତ ଖବର ପାଇ ଆଜି ବାଟୋଇ ମାନେ ସେଇ ପୁରୁଣାକଥାକୁ ମନେ ପକାଇ ଗଭିର ଶୋକ ବ୍ୟକ୍ତ କରୁଥିବାର ଦୃଶ୍ୟ ଦେଖିବାକୁ ମିଳିଛି ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ସର୍ବ ଭାରତୀୟ ଭଲିବଲ୍ ଖେଳର ଓଡ଼ିଶା ଟିମ୍‌ର ମୁଖ୍ୟ ପରିଚାଳକ ହେଲେ ଉଦୟ ନାରାୟଣ ମଲ୍ଲିକ



ବାସୁଦେବପୁର, ୪/୧ (ନି.ପ୍ର): ରାଜସ୍ଥାନ ଜୟପୁର ରେ ଜାନୁଆରୀ ୭ ରୁ ୧୩ ତାରିଖ ଯାଏଁ ଆୟୋଜନ ହେବାକୁ ଯାଉଛି ସର୍ବ ଭାରତୀୟ ଭଲିବଲ୍ ଖେଳ। ଏହି ମ୍ୟାଚ୍ ରେ ଭାରତ ରୁ ବିଭିନ୍ନ ରାଜ୍ୟ ରୁ ଟିମ୍ ଅଂଶ ଗ୍ରହଣ କରିବାକୁ ଥିବା ବେଳେ ଓଡ଼ିଶା ଟିମ୍ ମଧ ଅଂଶ ଗ୍ରହଣ କରିବାକୁ ଯାଉଛି। ଏଥି ନିମନ୍ତେ ମୁଖ୍ୟ ପରିଚାଳକ ଭାବ ରେ ବିଜେପି ଜିଲ୍ଲା ଉପ ସଭାପତି ଉଦୟ ନାରାୟଣ ମଲ୍ଲିକ ଙ୍କ ନାମ ଘୋଷଣା କରାଯାଇଛି। ଉଦୟ ଙ୍କ ନାମ ଘୋଷଣା ପରେ ବିଭିନ୍ନ ମହଲ ରୁ ଶୁଭେଚ୍ଛା ସୁଅ ଛୁଟିଥିଲା ବେଳେ, ଜୀବନର ତରୁଣ କାଳରୁ କ୍ରୀଡ଼ା ପ୍ରତି ମୋର ଅହେତୁକ ଦୁର୍ବଳତା ରହିଛି,ବିଭିନ୍ନ ଖେଳ ମଧ୍ୟରୁ ଭଲିବଲ ରେ ମୋର ଅଭିଜ୍ଞତା ଅଧିକ ଓ ରାଜ୍ୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ ସହ ସଫଳତା ମଧ ପାଇଛି। ରାଜସ୍ଥାନ ଜୟପୁରରେ ଜାନୁଆରୀ ୭ ରୁ ୧୩ ପର୍ଯ୍ୟନ୍ତ ସର୍ବଭାରତୀୟ ଭଲିବଲ୍ ଚାମ୍ପିଅନଶିପ ଅନୁଷ୍ଠିତ ହେବାକୁ ଯାଉଛି। ଟିମର ମୁଖ୍ୟ ପରିଚାଳକ ଭାବେ ମୋତେ ଦାୟିତ୍ୱ ବି ମିଳିଥିବାରୁ ମୁଁ ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ ତଥା ଆମ ରାଜ୍ୟର ଭଲିବଲ୍ ବୋର୍ଡ ସଦସ୍ୟ ମାନଙ୍କୁ ଧନ୍ୟବାଦ୍ ଅର୍ପଣ କରୁଛି ବୋଲି ଉଦୟ ନାରାୟଣ ମଲ୍ଲିକ ଗଣ ମାଧ୍ୟମ କୁ କହିଛନ୍ତି। ଏହି ଅବସର ରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିବା 'ଫଟୋ ସେସନ୍' ରେ ଖେଳାଳୀ ଗଣ ତଥା ସହଯୋଗୀ କର୍ମୀ ମାନଙ୍କ ସହ ଯୋଗ ଦେଇଥିଲେ ଉଦୟ ନାରାୟଣ ମଲ୍ଲିକ।

# ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ରାଇରଙ୍ଗପୁରରେ ଗଡ଼ିଲା ସଚେତନତା ରଥ




ରାଇରଙ୍ଗପୁର, , ୪/୧ (ନି.ପ୍ର): ଚଳିତ ବର୍ଷ ଜାନୁଆରୀ ମାସ ୧ ତାରିଖ ରୁ ୭ ତାରିଖ ପର୍ଯ୍ୟନ୍ତ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ତଥା ୩୧ ତାରିଖ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ, ରାଇରଙ୍ଗପୁରଙ୍କ ଆନୁକୂଲ୍ୟରେ ଆଜି ପୂର୍ବାହ୍ନ ୧୦ ଘଟିକା ସମୟ ରେ ଉପ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପରିସରରେ ଉପଜିଲ୍ଲାପାଳ ଶ୍ରୀ ସୌମ୍ୟ ରଞ୍ଜନ ପ୍ରଧାନ ଏବଂ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକରି ଶ୍ରୀ ସନ୍ଦୀପ ପାଇକରାୟ ସବୁଜ ପତାକା ଦେଖାଇ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ଏକ ସଚେତନତା ରଥ ଏବଂ ଶୋଭାଯାତ୍ରାକୁ ଉଦଘାଟନ କରିଥିଲେ। ଉକ୍ତ ରଥ ଓ ଶୋଭାଯାତ୍ରା ସହର ର ବିଭିନ୍ନ ଅଂଚଳ ରେ ପରିକ୍ରମା କରି ଟ୍ରାଫିକ ସିଗନାଲ ଏବଂ ନିୟମ କୁ କଡାକଡ଼ି ମାନି ସୁରକ୍ଷିତ ଢଙ୍ଗରେ ଗାଡି ଚାଳନା କରି ନିଜ ଜୀବନ କୁ ସୁରକ୍ଷିତ ରଖିବା ସହିତ ନିଜ ପରିବାର କୁ ସୁରକ୍ଷା ଓ ଅନ୍ୟମାନଙ୍କ ଜୀବନ କୁ ସୁରକ୍ଷିତ ରଖିବା ନେଇ ଜନସାଧାରଣ ଙ୍କ ମଧ୍ୟରେ ବିଭିନ୍ନ ସଚେତନତା ବାର୍ତ୍ତା ପହଞ୍ଚାଇ ଥିଲେ।ବିଶେଷ କରି ବିନା ଡ୍ରାଇଭିଂ ଲାଇସେନ୍ସ ରେ ଗାଡି ଚାଳନା ନକରିବା, ପିତାମାତା ମାନେ ସେମାନଙ୍କର କମ ବୟସର ପିଲାମାନଙ୍କୁ ଗାଡି ଚାଳନା କରିବା ପାଇଁ ନଦେବା,ଦୁଇ ଚକିଆ ଯାନ ଚାଳନା ସମୟ ରେ ଚାଳନାକାରି ସହିତ ଗାଡି ପଛରେ ବସିଥିବା ଲୋକ ଉଭୟ ହେଲମେଟ ପିନ୍ଧିବା ତଥା ଦୁଇ ଚକିଆ ଯାନ ରେ ତିନି ଜଣ ବସି ଗାଡି ଚାଳନା ନକରିବା , ଚାରିଚକିଆ ଯାନ ରେ ଗାଡି ଚାଳନା ସମୟ ରେ ଡ୍ରାଇଭର ସମେତ ସମ୍ମୁଖ ରେ ବସିଥିବା ଲୋକ ସିଟବେଲ୍ଟ ବ୍ୟବହାର କରିବା, ମଦ୍ୟ ପାନ କରି ନିଶାଶକ୍ତ ହୋଇ ଗାଡି ନଚଳେଇବା, ଅତ୍ୟଧିକ ଦ୍ରୁତଗତି ରେ ଯାନ ନଚଳେଇବା,ଦ୍ରୁତ ଗତିରେ ଓଭରଟେକ ନକରିବା, ଗାଡି ଚଳାଉଥିବା ସମୟ ରେ ମୋବାଇଲ ଫୋନ ବ୍ୟବହାର ନକରିବା, ଗାଡି ଚାଳନା ସମୟ ରେ ଜେବ୍ରା କ୍ରସିଂ ବ୍ୟତୀତ ରାସ୍ତା ର ଅନ୍ୟ ସ୍ଥାନ ରେ ରାସ୍ତା ପାର ନହେବା, ଗାଡିରେ ପରିବହନ ପାଇଁ ଧାର୍ଯ୍ୟ ହୋଇଥିବା ଯାତ୍ରୀ ଙ୍କ ସଂଖ୍ୟା ଠାରୁ ଅଧିକ ଯାତ୍ରୀ ନେବା ଆଣିବା ନକରିବା, ଶିକ୍ଷାନୁଷ୍ଠାନ ଓ ଚିକିତ୍ସାଳୟ ନିକଟରେ ଗାଡି ଚାଳନା କରି ଅତିକ୍ରମ କରିବା ସମୟ ରେ ସମସ୍ତ ପ୍ରକାର ସତର୍କତା ଅବଲମ୍ବନ କରିବା ସହିତ ଡ୍ରାଇଭିଂ ଲାଇସେନ୍ସ ତଥା ଗାଡିର କାଗଜ ପତ୍ର ଯଥା ଆର. ସି. ବୁକ, ପ୍ରଦୂଷଣ ସାର୍ଟିଫିକେଟ, ଇନ୍ସୁରାନ୍ସ ଇତ୍ୟାଦି ଉଚିତ ସମୟ ରେ ନବୀକରଣ କରି ଅଧୁନାତନ କରେଇବା, ଗାଡିର ବ୍ରେକ, ଇଣ୍ଡିକେଟର ହର୍ଣ୍ଣ ଇତ୍ୟାଦି ଠିକ ଭାବେ କାର୍ଯ୍ୟକ୍ଷମ ବିଷୟରେ ଲୋକମାନଙ୍କ ମଧରେ ସଚେତନତା ସୃଷ୍ଟି କରି ବିପଦ ମୁକ୍ତ ଜୀବନ ବଂଚିବା ପାଇଁ ଏହି ସଚେତନତା ରଥ ମାଧମରେ ପରାମର୍ଶ ଦିଆଯିବା ସହିତ ଉକ୍ତ ନିୟମ ର ଉଲଘଂନ ରେ ଏହାର ଆଇନ ଗତ କାର୍ଯ୍ୟାନୁଷ୍ଠାନ ତଥା ଆର୍ଥିକ ଜୋରିମାନା ପ୍ରବଧାନ ସମ୍ବନ୍ଧ ରେ ମଧ ଲୋକମାନଙ୍କୁ ଅବଗତ କରାଇଥିଲେ। ଉକ୍ତ ସଚେତନତା କାର୍ଯ୍ୟକ୍ରମ ଚଳିତ ଜାନୁଆରୀ ମାସ ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ ଏବଂ ଲୋକମାନଙ୍କୁ 'ସଡ଼କ ସୁରକ୍ଷା ପରିବାର ରକ୍ଷା' ଏବଂ ସଡ଼କ ସୁରକ୍ଷା ଜୀବନ ରକ୍ଷା ' ସମ୍ପର୍କ ରେ ସଚେତନତା ବାର୍ତ୍ତା ପହଞ୍ଚାଇବା ନେଇ ପ୍ରଶାସନ ଲକ୍ଷ୍ୟ ରଖିଛି। ଆଜିର ଅନୁଷ୍ଠିତଏହି ରାଲି ରେ ବିଭିନ୍ନ ଶିକ୍ଷଷନୁଷ୍ଠାନ ଛାତ୍ର ଛାତ୍ରୀ, ରୋଟାରୀ କ୍ଲବ ର ସଦସ୍ୟ ଅଂଶ ଗ୍ରହଣ କରିଥିବା ବେଳେ ଉକ୍ତ କାର୍ଯ୍ୟକ୍ରମ ରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ବିକାଶ ରଞ୍ଜନ ମହାନ୍ତି, ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟ ର ଅଧାପକ ଶ୍ରୀ ବିଜୟ ରାମ, ଟ୍ରକ ମାଲିକ ସଙ୍ଘ, ଅଟ ମାଲିକ ସଙ୍ଘ ସମେତ ଆଞ୍ଚଳିକ ପରିବହନ ବିଭାଗର କର୍ମଚାରୀ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ର ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ଗଣମାଧମ ର ପ୍ରତିନିଧି ମାନେ ଅଂଶ ଗ୍ରହଣ କରିଥିଲେ ।

# ଦେବଗିରି ପାହାଡ଼ ପାଦଦେଶରେ ଥିବା ଜନବସତିକୁ ଇକୋ ସେନସ୍ଟେଟିଭ୍ ଜୋନରୁ ବାଦଦେବାକୁ ସ୍ମାରକପତ୍ର ପ୍ରଦାନ

ନୀଳଗିରି , ୪/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଔପଦା ବ୍ଲକ୍ ନୀଳଗିରି ତହସିଲ ଅଧୀନ ସନ୍ତରାଗଡିଆ ରାଜସ୍ୱ ନୀରିକ୍ଷକଙ୍କ ଗତ ଡିସେମ୍ବର ୨୦ତାରିଖ ଦସ୍ତଖତଥାଇ ଶ୍ୟାମସୁନ୍ଦରପୁର ପଞ୍ଚାୟତ କାନ୍ଥରେ ଏକ ନୋଟିସ ମରାଯାଇଥିବା ନେଇ ଅଞ୍ଚଳରେ ହଟଚମଟ ସୃଷ୍ଟି ହୋଇଥିଲା । ନୋଟିସରେ ଇକୋ ସେନସ୍ଟେଟିଭ ଜୋନର ପୁନର୍ବାର ଡିଜିପିଏସ ସର୍ଭେ କରାଯାଇଥିବା ନେଇ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ସୂଚନା ଦିଆଯାଇଥିଲା। ଅଞ୍ଚଳର ସାମୁହିକ ଧନଜୀବନର ସୁରକ୍ଷା ସହିତ ଭିଟାମାଟି ଉଚ୍ଛେଦରୁ ବଂଚିତ ରହିବାକୁନେଇ ଏକ ସଚେତନତାସଭା ମିଳିତ ଆଞ୍ଚଳିକ କୃଷକମଞ୍ଚ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଶନିବାର ଏହା ବିରୁଦ୍ଧରେ ତହସିଲଦାରଙ୍କୁ ଅଭିଯୋଗ କରିବା ନେଇ ମିଳିତ ଆଞ୍ଚଳିକ କୃଷକ ମଞ୍ଚର ନିଷ୍ପତି ଅନୁସାରେ ଉପଖଣ୍ଡର ଏକଶହରୁ ଉର୍ଦ୍ଧ ଗ୍ରାମର ନେତୃସ୍ଥାନୀୟ ବ୍ୟକ୍ତିମାନେ ନିଜଗ୍ରାମ ବିଷୟରେ ସମସ୍ତ ତଥ୍ୟ ପ୍ରଦାନ କରିବା ସହିତ ଲିଖିତ ଅଭିଯୋଗ କରିଛନ୍ତି। ଏଥି ସହିତ ଇକୋସେଞ୍ଚୁରୀ ଜୋନ ହଟାଇବା ଦାବିରେ ଏକ ସାମୁହିକ ଦାବିପତ୍ର ନୀଳଗିରି ତହସିଲଦାରଙ୍କ ଜରିଆରେ ବାଲେଶ୍ୱର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ବାଉଁଶବଣିଆ ସରପଞ୍ଚ ନିରଞ୍ଜନ ବାରିକଙ୍କ ତତ୍ୱାବଧାନରେ , କୃଷକ ମଞ୍ଚର ସଭାପତି ରାମଚନ୍ଦ୍ର ବେହେରା, ସମ୍ପାଦକ ନିହାର ରଞ୍ଜନ ଜେନା, ବରିଷ୍ଠ ସାମ୍ୟବାଦୀ ନେତା କୈଳାସ ଚନ୍ଦ୍ର ପଣ୍ଡା, ଶ୍ୟାମସୁନ୍ଦରପୁର ସମିତିସଭ୍ୟ ଭୋଳାନାଥ ମାଝି, ସିପିଆଇ ଜୋନ ସମ୍ପାଦକ ବିଜୟ କୁମାର ସ, କୃଷକସଭାର ସଭାପତି ପ୍ରଭାକର ମହାପାତ୍ର, ଆଇନଜୀବୀ ଅଜୟ କୁମାର ପଟ୍ଟନାୟକ, ରବିନାରାୟଣ ଜେନା, ଅବସରପ୍ରାପ୍ତ ବିଏସଏଫ ଇନିସିପେକ୍ଟର ଯୋଗେନ୍ଦ୍ର ବେହେରା, ଗୋଲକ ଜେନା, ଅବସରପ୍ରାପ୍ତ ଶିକ୍ଷକ ରତ୍ନାକର ବେହେରା, ହରେକୃଷ୍ଣ ପଣ୍ଡିତ, ମହିଳା ନେତ୍ରୀ ଗାୟତ୍ରୀ ପଣ୍ଡା, ଅନିରୁଦ୍ଧ ବେହେରା, ପର୍ଶୁରାମ ମହାନ୍ତି । ନାଗେନ୍ଦ୍ର ଦଳେଇ, ମକରା ଦେଉରି, ନିରଞ୍ଜନ ଜେନା, ମଧୁସୂଦନ ରାଉତ, ଶିବ ରାଉତ, କମଳଲୋଚନ ପ୍ରଧାନ, ନାରାୟଣ ଟୁଡୁ, ଦୀପକ ନାୟକ, କୈଳାଶ ଚନ୍ଦ୍ର ସ, ରାଧାଶ୍ୟାମ ଦାସ, ହରେକୃଷ୍ଣ ରାଉତ, ନିରଞ୍ଜନ ପଣ୍ଡିତ ପ୍ରମୁଖ ଶତାଧିକ ବ୍ୟକ୍ତି ଉପସ୍ଥିତ ରହି ତହସିଲଦାରଙ୍କୁ ଅଞ୍ଚଳ ବିଷୟରେ ଅବଗତ କରିଛନ୍ତି । ପ୍ରକାଶ ଥାଉକି ପ୍ରଥମ ଗଡଜାତରାଜ୍ୟ ନୀଳଗିରି, ଭାରତରେ ମିଶ୍ରଣହେବା ବେଳେ ଭାରତ ସରକାର ଏକ ଚୁକ୍ତି କରିଥିଲେ। ଚୁକ୍ତି ଅନୁସାରେ ନୀଳଗିରିର ଅଧିବାସୀ ପ୍ରଜା ମାନେ ଦେବଗିରି ପାହାଡ଼ ଅଞ୍ଚଳର ସମସ୍ତ ପ୍ରାକୃତିକ ଉପାଦାନ ଯଥା ଜଳ, ଜଙ୍ଗଲ, ଜମିଏବଂ ପଥର କାଠ, ଫଳ ଫୁଲ ଆଦିକୁ ଉପଯୋଗ କରିବାପାଇଁ ସ୍ୱାକ୍ଷର କରିଥିବା ବେଳେ କେନ୍ଦ୍ର ଏବଂ ରାଜ୍ୟସରକାର ଏହି ଐତିହାସିକ ଚୁକ୍ତି ଅନୁସାରେ କୁଳଡିହକ୍ଷ ଅଭୟକ୍ଷରଣ୍ୟ ଏବଂ ଇକୋ ସେନସିଟିଭ ଜୋନ ହୋଇ ନ ପାରିବା ସମ୍ପର୍କରେ ଜିଲ୍ଲାପାଳ ଲଙ୍କୁ ସ୍ମାରକୀପତ୍ର ମାଧମରେ ଅବଗତ କରିଛନ୍ତି ।

# ବାଲେଶ୍ୱରରେ ଗୁପ୍ତା ଡିଷ୍ଟ୍ରିବ୍ୟୁଟରର ମେଗା ସୋରୁମ



ବାଲେଶ୍ୱର, ୪/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ରେମୁଣା ରେ ଗଣେଶ୍ୱର ପୁରରେ ଜନୁଗଞ୍ଜ ଗୋଲେଇରେ ଗୁପ୍ତା ଡିଷ୍ଟ୍ରିବ୍ୟୁଟୋରର ମେଗା ସୋରୁମ ଶ୍ରୀଯୁକ୍ତ ରାଜେଶ୍ୱର ଗୁପ୍ତା ଦ୍ୱାରା ଉଦଘାଟନ ହୋଇଯାଇଛି । ଏହି ମେଗା ସୋରୁମ୍ ଓଡ଼ିଶାର ୩୦ ଟି ସ୍ଥାନରେ ଖୋଲିଥିବା ବେଳେ ବାଲେଶ୍ୱର ସ୍ଥାନ ୩୧ ରେ ଅଛି । ଏହି ସୋରୁମ ଭାରତର ଛୋଟ ବଡ କମ୍ପାନୀର ବ୍ରାଣ୍ଡେଡ୍ ଜିନିଷ ଉପଲବ୍ଧ , ଏପରିକି ବିଭିନ୍ନ ପ୍ରକାର କମ୍ପାନୀର ମୋବାଇଲ , ଲାପଟପ୍ , ଫ୍ରିଜ୍, ଟିଭି , ଗ୍ରାଇଣ୍ଡର , ୱାଶିଂ ମେସିନ , ପ୍ରେସର କୁକର, ଆଇରନ , ଇଣ୍ଡକ୍ସନ ଚୁଲା , ଡ୍ରେସିଂ ଟେବୁଲ , ପଲଙ୍କ , ବିଭିନ୍ନ ପ୍ରକାର ଘରୋଇ ଉପକରଣ ଜିନିଷ ଏଠାରେ ବିକ୍ରି ର ବ୍ୟବସ୍ଥା ଅଛି । ଏପରିକି ପ୍ରଥମ ୧୦୦ ଜଣ ଗ୍ରାହକ ମାନଙ୍କ ପାଇଁ ମେଗା ଲକି ଡ୍ର ମାଧ୍ୟମରେ ଏଲ୍ ଇ ଡି ଟିଭି , ଫ୍ରିଜ , ଗ୍ରାଇଣ୍ଡର , ୱାଶିଂ ମେସିନ ଉପହାର ଏବଂ ଓପନିଂ ଅଫର୍ ରହିଛି । ସେଲ ଉପରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ସହ ପ୍ରତ୍ୟେକ କିଣା ଉପରେ ଫାଇନାନ୍ସ ବ୍ୟବସ୍ଥା ଓ ୨୦ କିମି ମଧ୍ୟରେ ମାଗଣା ଡେଲିଭରୀ ବ୍ୟବସ୍ଥା ମଧ ଅଛି । ଏକ୍ସଚେଞ୍ଜ ଅଫର୍ ଏବଂ ଶୁଭ ବିବାହ ପ୍ୟାକେଜ ଅଫର୍ ମାନ ରହିଛି ।ଏହି ଗୁପ୍ତା ଡିଷ୍ଟ୍ରିବ୍ୟୁଟୋର ର ମେଗା ସୋରୁମ୍ ଉଦଘାଟନ ଉତ୍ସବରେ ଗୁପ୍ତା ଡିଷ୍ଟ୍ରିବ୍ୟୁଟୋର ଜେନେରାଲ ମ୍ୟାନେଜର ପ୍ରବୀର୍ ପଣ୍ଡା , ଫର୍ଣ୍ଣୀଚର ମ୍ୟାନେଜର ହରିହର ପୃଷ୍ଟି , ଷ୍ଟୋର ମ୍ୟାନେଜର ଜଗନ୍ନାଥ ନାୟକ , ଏଚାର ମ୍ୟାନେଜର ଦେବିରତନ ଦାସ ଓ ଗୁପ୍ତା ଡିଷ୍ଟ୍ରିବ୍ୟୁଟୋର ର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଖୁବ ଶୀଘ୍ର ଜୈବିକ ପଦ୍ଧତିରେ ଉତ୍ପାଦିତ ଚାଉଳରେ ହେବ ଅବଢ଼ା

ଭୁବନେଶ୍ୱର, ୪/୧ (ନି.ପ୍ର): ଖୁବ୍ ଶୀଘ୍ର ଜୈବିକ ପଦ୍ଧତି ଦେଇ ଉତ୍ପାଦିତ ହେଉଥିବା ଚାଉଳରେ ତିଆରି ହେବ ଅବଢ଼ା। ଏନେଇ ଅରବିନ୍ଦ ପାଢୀ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଏବେ ଅବଢ଼ାରେ ବ୍ୟବାହର ହେଉଥିବା ଚାଉଳ ରାସାୟନିକ ସାର ପ୍ରୟୋଗ ଦ୍ୱାରା ପ୍ରସ୍ତୁତ ହେଉଛି। ତେଣୁ ଜୈବିକ ପଦ୍ଧତି ଦ୍ୱାରା ଉତ୍ପାଦିତ ଚାଉଳ ବ୍ୟବହାର ହେଲେ ଭଲ ହେବ ବୋଲି କହିଛନ୍ତି ପ୍ରମୁଖ କୃଷି ସଚିବ ଅରବିନ୍ଦ ପାଢୀ। ଜୈବିକ ପଦ୍ଧତି ଚାଷ ପାଇଁ ସରକାର ପ୍ରୋତ୍ସାହନ ଦେବାକୁ ଗୁରୁତ୍ୱ ଦେଉଛନ୍ତି। କୃଷି ମେଳାରେ ଯୋଗ ଦେଇ ଅରବିନ୍ଦ ପାଢୀ ଏହା କହିଛନ୍ତି।

# ଚନ୍ଦ୍ରଭାଗୋତ୍ସବର ଶେଷ ସନ୍ଧ୍ୟା, 'ସ୍ମୃତି କେବେ ଚୋରି ହୁଏନି'



ବାଲେଶ୍ୱର, ୪/୧ (ନି.ପ୍ର): ଗାନ୍ଧୀସ୍ମୃତି ଭବନ ପରିସରରେ ୩୫ ବର୍ଷର ଚନ୍ଦ୍ରଭାଗା ମହୋତ୍ସବର ଉଦଯାପନୀ ସଂନ୍ଧ୍ୟାର କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିଲେ ଆଇନଜୀବୀ ପର୍ଶୁରାମ ପ୍ରଧାନ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଜିଲ୍ଲାପରିଷଦ ସଭାପତି ଶ୍ରୀଯୁକ୍ତ ନାରାୟଣ ଚନ୍ଦ୍ର ଦାସ। ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ ଫକୀରମୋହନ ବିଶ୍ୱବିଦ୍ୟାଳୟର ବିଭାଗୀୟ ମୁଖ୍ୟ ପ୍ରଫେସର ଡଃ ଦେବାଶୀଷ ପାତ୍ର, ସମ୍ମାନିତ ଅତିଥିଭାବେ ପୂର୍ବତନ ନିର୍ବାହୀ ଯନ୍ତ୍ରୀ ମୁଖ୍ୟ ଶ୍ରୀଯୁକ୍ତ ନନ୍ଦଦୁଲାଲ ଘଡାଇ, ସମାଜସେବୀ ଶତ୍ରୁଘ୍ନ ମଲ୍ଲିକ, ଆଇନଜୀବି ଅଶୋକ ସେନାପତି। ଏହି କାର୍ଯ୍ୟକ୍ରମରେ ମଞ୍ଚ ଆହ୍ୱାନ କରିଥିଲେ ନାଟ୍ୟକାର ଆଶିଷ ଚକ୍ରବର୍ତ୍ତୀ। ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ ରଖିଥିଲେ ଚନ୍ଦ୍ରଭାଗାର ପ୍ରତିଷ୍ଠାତା ନିର୍ଦ୍ଦେଶକ କବି ଶ୍ରୀଦେବ। ଧନ୍ୟବାଦ ଅର୍ପଣ କରିଥିଲେ ଅଧାପକ ଡଃ ଶଶୀକାନ୍ତ ମହାନ୍ତୀ। ସଭା ଶେଷରେ ଇଞ୍ଜିନିୟର ନନ୍ଦଦୁଲାଲ ଘଡେଇ ସୁମଧୁର ବଂଶୀ ବାଦନ କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର ସୌଜନ୍ୟତାରେ ଫକୀରମୋହନ ସେଆପତିଙ୍କ ଲିଖିତ, ପ୍ରଫେସର ଡଃ ଦେବାଶୀଷ ପାତ୍ରଙ୍କ ରୁପାନ୍ତରିତ, ଏବଂ ବିଜୟ ମହାକୁଡଙ୍କ ନିର୍ଦ୍ଦେଶିତ ନାଟକ 'ରେଡତୀ' ପରିବେଷଣ ହୋଇଥିଲା। ଏହି ନାଟକରେ ପିଙ୍କୁନ୍ ମାଝୀ, ରଞ୍ଜିତା ବେହେରା, ସସ୍ମିତା ବେହେରା, ଲକ୍ଷ୍ମୀପ୍ରିୟା ପରିଡା, ଅଙ୍କିତା ମଳିକ, ଜୟନ୍ତୀ ପଢିଆରୀ, ସୀପ୍ରା ମହାନ୍ତୀ, ସସ୍ମିତା ସେଠୀ, ସରସ୍ୱତୀ ଦଳାଇ, ରୀନାରାଣୀ ସାହୁ, ଶୁଭଶ୍ରୀ ମହାପାତ୍ର, ସତ୍ୟପ୍ରକାଶ ପାତ୍ର, ବିଜୟ କୁମାର ରାଉତ, ବିଶ୍ୱରଞ୍ଜନ କବି, ଟେନସିଂ ନାୟକ ପ୍ରମୁଖ ଅଭିନୟ କରିଥିଲେ। ଶେଷରେ ଚନ୍ଦ୍ରଭାଗାର ସଂଯୋଜିକା ଜ୍ୟୋତିର୍ମୟୀ ଶତପଥୀ, ଅବନୀ ଜେନା, ରମେଶ ବେହେରା, ସନ୍ତୋଷ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ।

# କ୍ରୀଡା ଦ୍ୱାରା ଶିଶୁର ମାନସିକ ଅଭିବୃଦ୍ଧି ଘଟିଥାଏ



ନୀଳଗିରି, ୪/୧ (ନି.ପ୍ର): ସ୍ଥାନୀୟ କୃଷ୍ଣ ଚନ୍ଦ୍ର ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ରାଜନୀଳ ଗିରି ପରିସରରେ ଛବିଶି ତମ ବାର୍ଷିକ କ୍ରୀଡା ସମାରୋହ ଅନୁଷ୍ଠିତ ହୋଇଯାଇଛି । ନୀଳଗିରି ବିଜ୍ଞାପିତ ଅଂଚଳ ପରିଷଦର ଅଧ୍ୟକ୍ଷ ମହେନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଉଦଘାଟନ କରିଥିଲେ । ପ୍ରାରମ୍ଭ ରେ ମୁଖ୍ୟ ଅତିଥି କ୍ରୀଡା ପତାକା ଉତ୍ତୋଳନ କରି କ୍ରୀଡା ଓ ଶିକ୍ଷା ଗୋଟିଏ ମୁଦ୍ରା ର ଦୁଇଟିପାର୍ଶ୍ୱ ବୋଲି କହିଥିଲେ । ଖେଳକୁଦ ଓ କସରତ ଦ୍ୱାରା ଶିଶୁର ମାନସିକ ଅଭିବୃଦ୍ଧି ଘଟିଥାଏ ବୋଲି କହିଥିଲେ । ଉଦଯାପନୀ ସଭା ରେ ମୁଖ୍ୟ ଅତିଥି ଭାବେ ଉତ୍କଳ ଶିକ୍ଷା ପରିଷଦ, ଭୁବନେଶ୍ୱର ର ସମ୍ପାଦକ ଯୋଗେନ୍ଦ୍ର ଦାଶ ଯୋଗ ଦେଇ ଶିକ୍ଷା ରେ କ୍ରୀଡା ରଭୂମିକା ବହୁ ଗୁରୁତ୍ୱପୂର୍ଣ ବୋଲି କହିଥିଲେ, ସମ୍ମନିତ ଅତିଥି ଭାବରେ ଆଦର୍ଶ ବିବେକାନନ୍ଦ ଅନୁଷ୍ଠାନ ର ପ୍ରଧାନ ଆଚାର୍ଯ୍ୟକ୍ଷ କୁଞ୍ଜଲତା ସାହୁ, ବିବେକାନନ୍ଦ ଶିକ୍ଷା ଅନୁଷ୍ଠାନର ସମ୍ପାଦକ ସତ୍ୟବ୍ରତ ପଣ୍ଡା, ପରିଚାଳନା ସମିତି ସଦସ୍ୟ ଜୟନ୍ତ ଷଡ଼ଙ୍ଗୀ ପ୍ରମୁଖ ଯୋଗଦାନ କରିଥିଲେ । ଗୁରୁମା ସତ୍ୟଭାମା ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ଯତୀନ୍ଦ୍ର ନାଥ ଭୋଳ ଏହି ଉତ୍ସବ ରେ ସଭାପତି ତ୍ୱ କରିଥିବା ବେଳେ ଗୁରୁମା ଉର୍ବଶୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କ୍ରୀଡା ରେ ବିଭିନ୍ନ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ।

# ପାରାଦ୍ୱୀପରେ ଜାତୀୟ ସଡ଼କ ସୁରକ୍ଷା ମାସ ପାଳିତ




ପାରାଦ୍ୱୀପ , ୪/୧ (ନି.ପ୍ର): ଆଜି ଆଂଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ ପାରାଦ୍ୱୀପ ବଡପଡିଆ ଆଦର୍ଶ ଥାନା ସମ୍ମୁଖରେ ଛାତ୍ରଛାତ୍ରୀ ଏବଂ ଜନସାଧାରଣଙ୍କୁ ନେଇ ସଚେତନତା ସଭା ଆୟୋଜନ ହୋଇଥିଲା । ଏଥିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିରଞ୍ଜନ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମରେ ପ୍ରଦିପ ପ୍ରଜ୍ଜ୍ୱଳନ କରିବା ସହ ଛାତ୍ର ଛାତ୍ରୀ ଏବଂ ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ବିଷୟରେ ସଚେତନ ରହିବା ସହିତ ସଚେତନତା ସୃଷ୍ଟି କରିବାକୁ ଅନୁରୋଧ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ସ୍ମୃତି ରଞ୍ଜନ କର ଯୋଗଦେଇ ସଚେତନ ରହିଲେ ଧନ ଜିବନ କିପରି ରକ୍ଷା ପାଇପାରିବାର ବାର୍ତ୍ତା ଦେଇଥିଲେ। ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ନିର୍ମଳ ମହାନ୍ତି ଛାତ୍ର ଛାତ୍ରୀ ଏବଂ ଜନସାଧାରଣଙ୍କୁ ଜାତୀୟ ସଡ଼କ ସୁରକ୍ଷା ସମ୍ବନ୍ଧିୟ ଶପଥ ପାଠ କରାଇବା ସହ ସଡ଼କ ସୁରକ୍ଷା ମାସରେ ଜନସାଧାରଣଙ୍କୁ ପ୍ରଥମେ ସଚେତନତା କରାଯିବ ପରେ ଆଇନକୁ କଡାକଡି ଭାବରେ ପାଳନ କରାଯିବ ବୋଲି ମନ୍ତବ୍ୟ ରଖିଥିଲେ। ଇଫକୋ ଲୋକ ସମ୍ପର୍କ ଅଧିକାରୀ ଡ଼ଃ ପ୍ରସନ୍ନ କୁମାର ବେଉରା ଦୁର୍ଘଟଣାରେ କିପରି ଜୀବନ ହାନି ହେଉଛି ତାର ପ୍ରତିକାର ବିଷୟରେ ଛାତ୍ର ଛାତ୍ରୀ ଏବଂ ଜନସାଧାରଣଙ୍କ ସହଯୋଗ ପାଇଁ ଅନୁରୋଧ କରିଥିଲେ । ଆଇଓ ସି ଏଲର ଡି ଜି ଏମ୍ ସିକ୍ୟୁରିଟ ଶ୍ରୀ ଏମ୍ ବି ସୋହାଲା, ପାରାଦୀପ ମୁନିସପାଲିଟିର କାଉନସିଲର ଶ୍ରୀମତୀ ସୌଦାମିନୀ ସାହୁ ଏବଂ ଶ୍ରୀ ସୁବ୍ରତ ପ୍ରଧାନ, ଶିକ୍ଷ ମନ୍ତ୍ରୀଙ୍କ ପାରାଦ୍ୱୀପ ପ୍ରତିନିଧି ଶ୍ରୀ ସର୍ବେଶ୍ୱର ବଳିଆର ସିଂ ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ସଡ଼କ ସୁରକ୍ଷା ନିୟମ ଉପରେ ଆଲୋକପାତ କରିଥିଲେ। ଅତିଥି ମାନେ ପତାକା ଦେଖାଇ ସଚେତନତା ଶୋଭାଯାତ୍ରା ଶୁଭାରମ୍ଭ କରିଥିଲେ ଏହା ସହର ପରିକ୍ରମା କରିଥିଲା । ଶେଷରେ ପାରାଦ୍ୱୀପର ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅଭିଷେକ ପଣ୍ଡା ଧନ୍ୟବାଦ ଅର୍ପଣ କରିବା ସହ ସର୍ବଦା ଘରୁ ଗାଡ଼ି ନେଇ ଗଲା ବେଳେ ଆଇ ଏସ ଆଇ ମାର୍କା ହେଲମେଟ ପିନ୍ଧିବା ଏବଂ ମୋବାଇଲ୍ ଫୋନ୍ ବ୍ୟବହାର ନକରିବା, ଚାରି ଚକିଆ ଗାଡି ଚାଳନା ସମୟରେ ସିଟ୍ ବେଲ୍ଟ ବାନ୍ଧିବାକୁ ଅନୁରୋଧ କରିଥିଲେ।

# ଶ୍ରୀ ବଳଦେବଜୀଉଙ୍କ ପୀଠର ହେବ ସର୍ବବିଧ ବିକାଶ

ଭୁବନେଶ୍ୱର, ୪/୧ (ନି.ପ୍ର): ଶ୍ରୀ ବଳଦେବଜୀଉଙ୍କ ପୀଠର ହେବ ସର୍ବବିଧ ବିକାଶ । ଏନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି ଯେ, କେନ୍ଦ୍ରାପଡା ସ୍ଥିତ ଶ୍ରୀ ବଳଦେବଜୀଉଙ୍କ ପୀଠ ତୁଳସୀ କ୍ଷେତ୍ରର ସର୍ବବିଧ ବିକାଶ କରି ଏହାକୁ ଏକ ଆକର୍ଷଣୀୟ ଧର୍ମୀୟ ପର୍ଯ୍ୟଟନ କ୍ଷେତ୍ର ଭାବରେ ପ୍ରତିଷ୍ଠିତ କରିବା ପାଇଁ ରାଜ୍ୟ ସରକାର ବଦ୍ଧପରିକର। ଏହି ପରିପ୍ରେକ୍ଷୀରେ ଆଜି ମନ୍ଦିରର ଉନ୍ନତୀକରଣ ଓ ଉନ୍ନୟନ କାର୍ଯ୍ୟର ଏକ ସମୀକ୍ଷା ବୈଠକରେ ଅଧକ୍ଷତା କରି ମନ୍ଦିର ପରିସର ଓ ଚର୍ତୁପାର୍ଶ୍ୱର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଲି ଓ ଏହି ବୈଠକରେ ମହାକାଳପଡ଼ା ବିଧାୟକ ଡଃ ଦୁର୍ଗା ପ୍ରସନ୍ନ ନାୟକ, ଆଇନ ବିଭାଗ ଦ୍ୱିତୀୟ ଅତିରିକ୍ତ ବିଧି ଚେତକ ତଥା ଅତିରିକ୍ତ ଶାସନ ସଚିବ ଶ୍ରୀ ବିଭୁ ପ୍ରସାଦ ପଣ୍ଡା, ବିଭାଗୀୟ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ପରିବାରର ୬ ସଦସ୍ୟଙ୍କୁ ମିଳୁଛି ମାସିକ ୧୦ କି.ଗ୍ରା ଚାଉଳ

ଉଦଳା , ୪/୧ (ନି.ପ୍ର): କପ୍ତିପଦା ବ୍ଲକର ମାଙ୍କଡ଼ପଡ଼ା ପଂଚାୟତ ଅନ୍ତର୍ଗତ କାଳିଆନ ଚତୁରି ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା କାଳିଆ ସିଂ ଓ ତାଙ୍କର ସହଧର୍ମିଣି ଚମ୍ପା ସିଂଙ୍କର ୨ଜଣ ପୁତ୍ର ଓ ୨ ଜଣ କନ୍ୟା ମୋଟ ୪ ଜଣ ଖାଦ୍ୟ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇବାରୁ ବଂଚିତ ଥିବାର ଜଣାଯାଇଛି । ୧୨ ବର୍ଷ ବୟସର ଜ୍ୟେଷ୍ଠ କନ୍ୟା 'ଗୋଲାପ', ୯ ବର୍ଷ ବୟସର କନ୍ୟା 'ମାମିନା', ୮ ବର୍ଷ ବୟସର ପୁତ୍ର 'ହିସି' ଓ ୫ ବର୍ଷ ବୟସର କନିଷ୍ଠ ପୁତ୍ର 'କାଇରା' ପ୍ରମୁଖ ଚାଉଳ ପାଇବାରୁ ବଂଚିତ ଥିବାର କଥା ପରିବାରର ଲୋକେ ଜଣାଇଛନ୍ତି । ତେବେ ସବୁ ପିଲାଙ୍କର ଆଧାର କାର୍ଡ଼ ଥିବା ବେଳେ ଚାଉଳ ଯୋଗାଇ ଦେବାରେ କିଛି ଅସୁବିଧା ନାହିଁ ବୋଲି ଅନେକ ଲୋକ ମତ ଦେଇଛନ୍ତି । ପରିବାରକୁ ମାସିକ ମିଳୁଥିବା ୧୦ କିଗ୍ରା ଚାଉଳ ଉପରେ ମୋଟ ୬ ଜଣ ସଦସ୍ୟ ନିର୍ଭର କରୁଥିବାରୁ ନାହିଁ ନଥିବା ସମସ୍ୟା ଉପୁଜୁଥିବାର କଥା ଗଣମାଧମକୁ ଉଭୟ କାଳିଆ ଓ ଚମ୍ପା ଜଣାଇଛନ୍ତି । ବିଭାଗୀୟ କତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ଦିନ ମଜୁରିଆ ଭାବରେ କାମ କରି ଏହି ପରିବାର ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବାର ଜଣାଯାଇଛି ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida